ODIA DAILY EDITION
07.10.2024
କଟକ, ସୋମବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.00
ଅକ୍ଟୋବର-୦୭, ୨୦୨୪
ବର୍ଷ-୩୬, ସଂଖ୍ୟା-୯୩
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA
35 Years of publication SINCE 1989
Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

# ଆରଜି କର ମେଡିକାଲର ୧୦ ଡାକ୍ତର ବହିଷ୍କୃତ

- ଡାକ୍ତରମାନଙ୍କ ବିରୋଧରେ ଧମକ ଦେବା, ହଇରାଣ କରିବା, ରାଗିଂ କରିବା ଓ ଟଙ୍କା ଆଦାୟ ଭଳି ଅଭିଯୋଗ ରହିଥିଲା
- ବିଶୃଙ୍ଖଳିତ ଆଚରଣ ପାଇଁ ୫୯ ଜଣଙ୍କୁ ସାମୟିକ ନିଲମ୍ବନ

**କୋଲକାତା, ୬।୧୦:** ପୁଣି ଚର୍ଚ୍ଚାକୁ ଆସିଛି କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସପିଟାଲ। ୧୦ ଜଣ ଡାକ୍ତରଙ୍କୁ ବହିଷ୍କାର କରିଛି ଆରଜି କର ମେଡିକାଲ କଲେଜ ଓ ହସପିଟାଲର ଇଣ୍ଟରନାଲ କାଉନସିଲ। ଏହି ଡାକ୍ତରମାନଙ୍କ ବିରୋଧରେ ଧମକ ଦେବା, ହଇରାଣ କରିବା, ରାଗିଂ କରିବା ଓ ଟଙ୍କା ଆଦାୟ କରିବା ଭଳି ଅଭିଯୋଗ ଆସିଥିବା ବେଳେ ଏହାର ତଦନ୍ତ କରି ସେମାନଙ୍କୁ ବହିଷ୍କାର କରାଯାଇଛି। ସେମାନଙ୍କ ସହିତ ବିଶୃଙ୍ଖଳିତ ଆଚରଣ ପାଇଁ ଆଉ ୫୯ ଜଣଙ୍କୁ ସାମୟିକ ଭାବେ ନିଲମ୍ବିତ କରାଯାଇଛି। ଏହି ୫୯ ଜଣଙ୍କ ମଧ୍ୟରେ ଇଣ୍ଟର୍ନ, ବିଦ୍ୟାର୍ଥୀ ଓ ହାଉସ ଷ୍ଟାଫ ଅଛନ୍ତି ।

ଯେଉଁ ଡାକ୍ତରମାନଙ୍କୁ ବହିଷ୍କାର କରାଯାଇଛି, ସେମାନେ ହେଉଛନ୍ତି- ସୌରଭ ପଲ, ଆଶିଷ ପାଣ୍ଡେ (ସିବିଆଇ ଦ୍ୱାରା ଗିରଫ ହୋଇଥିଲେ), ଅଭିଷେକ ସେନ, ଆୟୁଶ୍ରୀ ଥାପା, ନିରଜନ ବାଗଚୀ, ସରିଫ ହସନ, ନିଲାଗ୍ନୀ ଦେବନାଥ, ଅମରେନ୍ଦ୍ର ସିଂହ, ସତପାଲ ସିଂହ ଓ ତନଭୀର ଅହମଦ କାଜି। ସେମାନଙ୍କୁ ହଷ୍ଟେଲ ଖାଲି କରିବା ପାଇଁ ୭୨ ଘଣ୍ଟା ସମୟ ଦିଆଯାଇଛି। ସେମାନଙ୍କ ନାଁଗୁଡ଼ିକୁ ରାଜ୍ୟ ମେଡିକାଲ କାଉନସିଲକୁ ପଠାଇ ଦିଆଯାଇଛି। ସେମାନେ ଘଟଣାର ସମୀକ୍ଷା କରି ଏହି ଡାକ୍ତରମାନଙ୍କ ମେଡିକାଲ ରେଜିଷ୍ଟ୍ରେସନ ବାତିଲ କରିପାରିବେ।

ଏହି ଡାକ୍ତରମାନଙ୍କ ବିରୋଧରେ ଉଭୟ ଶାରୀରିକ ଓ ମାନସିକ ନିର୍ଯାତନା ଅଭିଯୋଗ ଆସିଥିଲା। ରାଗିଂ କରିବାଠାରୁ ଆରମ୍ଭ କରି କଲେଜରୁ ବାହାର କରି ଦେବା ତଥା ଫେଲ୍ କରାଇ ଦେବା ଭଳି ଅଭିଯୋଗ ସେମାନଙ୍କ ବିରୋଧରେ ଆସିଥିଲା। ଅନେକ ବିଦ୍ୟାର୍ଥୀ ଅଭିଯୋଗ କରିଛନ୍ତି ଯେ ଏହି ଡାକ୍ତରମାନେ ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ରାଜନୀତିକ ପାର୍ଟିରେ ସାମିଲ ହେବାକୁ ଚାପ ପକାଉଥିଲେ। ସେମାନଙ୍କ ଦ୍ୱାରା ଆୟୋଜିତ ଶୋଭାଯାତ୍ରା ଓ ବୈଠକରେ ସାମିଲ ନହେଲେ ହଇରାଣ କରୁଥିଲେ।

ବହିଷ୍କୃତ ହୋଇଥିବା ଡାକ୍ତରମାନଙ୍କର ଆରଜି କର ମେଡିକାଲ କଲେଜ ଓ ହସପିଟାଲର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷଙ୍କ ସହିତ ସଂପର୍କ ଥିଲା। ତେଣୁ ସେମାନେ ସେମାନଙ୍କ ଦାବି ପୂରଣ ନ ହେଲେ ବିଦ୍ୟାର୍ଥୀମାନଙ୍କୁ ପରୀକ୍ଷାର ଫେଲ୍ କରାଇ ଦେବେ ବୋଲି ଧମକ ଦେଉଥିଲେ। ବିଳମ୍ବିତ ରାତିରେ ସେମାନେ ବିଦ୍ୟାର୍ଥୀମାନଙ୍କୁ ମଦ ଆଣିବାକୁ ବାଧ୍ୟ କରୁଥିଲେ। ଏମିତିକି କମନ୍ ରୁମ୍ ?ରେ ଜୁନିୟରମାନଙ୍କୁ ଅପମାନିତ କରୁଥିଲେ। ଏମିତି ଅନେକ ଅଭିଯୋଗ ଆସିବା ପରେ ତଦନ୍ତ କରି ଆରଜି କର ମେଡିକାଲ କଲେଜ ଓ ହସପିଟାଲର ଇଣ୍ଟରନାଲ କାଉନସିଲ ସେମାନଙ୍କୁ ବହିଷ୍କାର କରିଛି। ସେହିପରି ନିଲମ୍ବିତ ହୋଇଥିବା ଅନ୍ୟ ୫୯ ଜଣଙ୍କ ମଧ୍ୟରୁ ୪୩ ଜଣଙ୍କୁ ହଷ୍ଟେଲରୁ ବହିଷ୍କାର କରାଯାଇଛି। ଇଣ୍ଟରନାଲ କାଉନସିଲ ତା'ର ତଦନ୍ତ ଜାରି ରଖିଥିବା ବେଳେ ଆଗକୁ ଆହୁରି କାର୍ଯ୍ୟାନୁଷ୍ଠାନ ନେବ ବୋଲି କହିଛି।

ଗତ ଅଗଷ୍ଟ ୯ ତାରିଖରେ ଆରଜି କର ମେଡିକାଲ କଲେଜ ଓ ହସପିଟାଲରେ ଜଣେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା। ଏହା ପରେ ଏଠାରେ ଚାଲିଥିବା ସମସ୍ତ ପ୍ରକାର ବିଶୃଙ୍ଖଳିତ କାର୍ଯ୍ୟ ଓ ଅନିୟମିତତା ସାମ୍ନାକୁ ଆସିଥିଲା ।



## ନଦୀରେ ବୁଡ଼ିଗଲେ ୭ ପିଲା, ଗୋଟିଏ ପରିବାରର ୩ ଭାଇ ମୃତ

**ପାଟଣା, ୬।୧୦:** ନଦୀରେ ଗାଧୋଇବା ବେଳେ ୭ ନାବାଳକ ବୁଡ଼ି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ତିନି ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତକମାନେ ତିନି ଭାଇ ବୋଲି ଜଣାପଡ଼ିଛି ।

ସୂଚନା ଅନୁସାରେ, ଏହି ଘଟଣା ବିହାରର ରୋହତାସରେ ଘଟିଛି। ଆଜି ସକାଳେ ୭ ଜଣ ନାବାଳକ ସୋନ ନଦୀକୁ ଗାଧୋଇବାକୁ ଯାଇଥିଲେ। ଜଣେ ନାବାଳକ ପ୍ରଥମେ ଗାଧୋଇବାକୁ ଯାଇ ବୁଡ଼ି ଯାଇଥିଲେ। ଫଳରେ ଅନ୍ୟମାନ ତାଙ୍କୁ ଉଦ୍ଧାର କରିବା ପାଇଁ ନଦୀକୁ ପଶିଥିଲେ। କିନ୍ତୁ ଜଣଙ୍କ ପରେ ଜଣେ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକ ପିଲାମାନଙ୍କ ପାଟି ଶୁଣି ତୁରନ୍ତ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିବା ସହ ଅଗ୍ନିଶମ ବାହିନୀ ଏବଂ ଉଦ୍ଧାରକାରୀ ଟିମକୁ ଖବର ଦେଇଥିଲେ। ଖବର ପାଇ ଉଦ୍ଧାରକାରୀ ଟିମ୍ ପାଞ୍ଚ ଜଣଙ୍କୁ ଉଦ୍ଧାର କରିଥିଲା। ମାତ୍ର ସେମାନଙ୍କ ମଧ୍ୟରୁ ତିନି ଜଣଙ୍କ ମୃତ୍ୟୁ ହୋଇଯାଇଛି। ସେହିପରି ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ବର୍ତ୍ତମାନ ସେମାନଙ୍କ ଚିକିତ୍ସା ଚାଲିଛି। ସେପଟେ, ଅନ୍ୟ ଦୁଇ ପିଲାଙ୍କ ପତ୍ତା ମିଳୁନି।

## ନିଟ୍-ୟୁଜି ପେପର ଲିକ୍ ମାମଲାରେ ସିବିଆଇ ପକ୍ଷରୁ ତୃତୀୟ ଚାର୍ଜସିଟ୍ ଦାଖଲ

**ପାଟନା, ୬।୧୦:** ନିଟ୍- ୟୁଜି ପେପର ଲିକ୍ ମାମଲାରେ ତୃତୀୟ ଚାର୍ଜସିଟ୍ ଦାଖଲ କରିଛି ସିବିଆଇ । ଏଥିରେ ୨୧ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି । ଏହି ଚାର୍ଜସିଟ୍ ପାଟନା ସ୍ଥିତ ସିବିଆଇର ସତନ୍ତ୍ର କୋର୍ଟରେ ଦାଖଲ କରାଯାଇଛି । ସିବିଆଇ ଏପର୍ଯ୍ୟନ୍ତ ତିନୋଟି ଚାର୍ଜସିଟ୍ ଦାଖଲ କରିଛି । ଯେଉଁଥିରେ ମୋଟ୍ ୪୦ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି । ପ୍ରଥମ ଚାର୍ଜସିଟ୍ ରେ ୧୩ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା । ଦ୍ୱିତୀୟ ଚାର୍ଜସିଟ୍ ରେ ୬ ଜଣ ଏବଂ ତୃତୀୟ ଚାର୍ଜସିଟ୍ ରେ ୨୧ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି । ଚାର୍ଜସିଟ୍ ରେ ଆଇପିସିର ଧାରା ୧୨୦-ବି (ଅପରାଧିକ ଷଡ଼ଯନ୍ତ୍ର), ଧାରା ୧୦୯ (ଉସୁକାଇବା), ଧାରା ୪୦୯ (ଅପରାଧିକ ବିଶ୍ୱାସଘାତ), ଧାରା ୪୨୦ (ଧୋକାବାଜି), ଧାରା ୩୮୦ (ଚୋରି), ଧାରା ୨୦୧ (ସାକ୍ଷ୍ୟ ଗାୟବ୍ ହେବାର କାରଣ) ଏବଂ ଧାରା ୪୧୧ (ବେଇମାନିରେ ଚୋରି ସମ୍ପତି ପ୍ରାପ୍ତ କରିବା) ଲାଗିଛି ।

## ଜିଆରଏସ ପଦକୁ ପୁଣି ଫେରାଇନେବା ନିର୍ଦ୍ଦେଶ ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ରହିତାଦେଶ

**କଟକ, ୬।୧୦:** ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧିନରେ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ଭାବେ ଗତ ମାର୍ଚ୍ଚ ମାସରେ ନିଯୁକ୍ତି ପାଇଥିବା ଗ୍ରାମରୋଜଗାର ସେବକ(ଜିଆରଏସ)ଙ୍କୁ ପୁଣି ପୂର୍ବ ପଦକୁ ଫେରାଇ ନେବା ପାଇଁ ୨୦୨୪, ସେପ୍ଟେମ୍ବର ୨୫ରେ ଜାରି କରାଯାଇଥିବା ନିର୍ଦ୍ଦେଶ ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଏଥି ସହିତ ହାଇକୋର୍ଟ ମାମଲାରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସଚିବ, ନିର୍ଦ୍ଦେଶକ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ତଥା ମାଜିଷ୍ଟ୍ରେଟ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀଙ୍କୁ ନୋଟିସ୍ ଜାରି କରି ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ୨୫ର ନିର୍ଦ୍ଦେଶ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି।

ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସରସ୍ୱତୀ ମଣ୍ଡଳ ଓ ଅନ୍ୟ ୧୦ଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନଭେମ୍ବର ୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ୨୦୧୮ରେ ଜିଆରଏସ ଭାବେ ନିଯୁକ୍ତି ପାଇଥିଲେ। ୨୦୨୧, ଜୁଲାଇ ୧ରେ ପ୍ରକାଶିତ ଜିଆରଏସଙ୍କ ଗ୍ରେଡେସନ ତାଲିକାରେ ଆବେଦନକାରୀଙ୍କ ନାଁ ସ୍ଥାନ ପାଇଥିଲା। ୨୦୨୪, ଫେବ୍ରୁଆରି ୨୭ରେ ପଞ୍ଚାୟତିରାଜ ବିଭାଗ ତରଫରୁ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତି ନିୟମାବଳୀ, ୨୦୨୪ ଜାରି କରାଯାଇଥିଲା। ଜିଆରଏସଙ୍କୁ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ପଦରେ ନିଯୁକ୍ତି ସଂକ୍ରାନ୍ତରେ ଗତ ମାର୍ଚ୍ଚ ୧୨ରେ ପଞ୍ଚାୟତିରାଜ ବିଭାଗ ଏକ ଗାଇଡ୍‌ଲାଇନ ଜାରି କରିଥିଲା। ଏହାପରେ ମାର୍ଚ୍ଚ ୧୫ରେ ୧୮୨ଜଣ ଜିଆରଏସଙ୍କୁ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ପଦରେ ନିଯୁକ୍ତି ଦିଆଯାଇଥିଲା।

ଆବେଦନକାରୀମାନେ ନୂଆ ପଦବିରେ ନିଯୁକ୍ତି ପରେ ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡ଼ା, ଗରଦପୁର, ରାଜକନିକା ଓ ଅନ୍ୟ ବ୍ଲକରେ କାର୍ଯ୍ୟ କରୁଥିବା ବେଳେ ହଠାତ ଗତ ସେପ୍ଟେମ୍ବର ୨୫ରେ ସେମାନଙ୍କୁ ପୁଣି ପୂର୍ବ ଅବସ୍ଥା (ଜିଆରଏସ ପଦ)କୁ ଫେରାଇ ନେବାକୁ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ପଦରେ କାର୍ଯ୍ୟ କରିବା ବେଳେ ଆବେଦନକାରୀ ପାଇଥିବା ଦରମା ବାବଦ ଅର୍ଥ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଭଳି ନିର୍ଦ୍ଦେଶ ପ୍ରଦାନ କରାଯିବା ପୂର୍ବରୁ ଆବେଦନକାରୀଙ୍କୁ ପକ୍ଷ ରଖିବାକୁ ସୁଯୋଗ ଦିଆଯାଇ ନଥିଲା ବୋଲି ଅଭିଯୋଗ ହୋଇଥିଲା।

## ୩ ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

### ମାଓ ମୁକାବିଲା ବୈଠକରେ ଯୋଗଦେବେ

- ଗୃହମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହେବ ବୈଠକ
- ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗଦେବେ



**ଭୁବନେଶ୍ୱର, ୬ ।୧୦:** ଦିଲ୍ଲୀରେ ମାଓ ମୁକାବିଲା ବୈଠକରେ ଯୋଗ ଦେବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏଥିପାଇଁ ଆଜିଠୁ ତିନି ଦିନିଆ ଦିଲ୍ଲୀ ଗସ୍ତରେ ଯିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କିଛି କେନ୍ଦ୍ରମନ୍ତ୍ରୀଙ୍କୁ ବି ଭେଟିବା କାର୍ଯ୍ୟକ୍ରମ ରହିଛି।

ନୂଆଦିଲ୍ଲୀରେ ସୋମବାର ଦିନ ହେବାକୁ ଥିବା ମାଓ ମୁକାବିଲା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯୋଗ ଦେବେ । ତାଙ୍କ ସହ ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ମଧ୍ୟ ବୈଠକରେ ଯୋଗଦେବେ ।

ଆସନ୍ତାକାଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ମାଓ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆସନ୍ତାକାଲି ବୈଠକ ରହିଛି। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଏହି ବୈଠକ ବସିବ।

ଏଥିରେ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଓ ମଧ୍ୟ ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗଦେବେ। ମାଓ ପ୍ରଭାବିତ ରାଜ୍ୟ ଗୁଡ଼ିକୁ ବିକାଶମୂଳକ ସହଯୋଗ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୫ ଜଣ କେନ୍ଦ୍ର ମନ୍ତ୍ରୀ ମଧ୍ୟ ଏହି ବୈଠକରେ ଯୋଗଦେବେ।

ସେହିଭଳି ଅତିରିକ୍ତ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ସମେତ କେନ୍ଦ୍ର, ରାଜ୍ୟର ବରିଷ୍ଠ ଅଧିକାରୀ, କେନ୍ଦ୍ରୀୟ ଶସସ୍ତ୍ର ବଳର ଅଧିକାରୀମାନେ ମଧ୍ୟ ସାମିଲ ହେବେ ବୋଲି କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ସୂଚନା ମିଳିଛି।

ଗତ ବର୍ଷ ମଧ୍ୟ ଅକ୍ଟୋବର ୬ ତାରିଖରେ ମାଓ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଅମିତ ଶାହ ସମୀକ୍ଷା ବୈଠକ କରିଥିଲେ। ଏଥିରେ ମାଓବାଦୀଙ୍କୁ ମୂଳୋତ୍ପାଟନ କରିବା ପାଇଁ ଗୃହମନ୍ତ୍ରୀ ବିସ୍ତୃତ ନିର୍ଦ୍ଦେଶନାମା ଦେଇଥିଲେ।

### ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ

## ସୋମବାର ବସ୍ ଚଳାଚଳ ବନ୍ଦ ଡାକରା

**ଘରୋଇ ବସ୍ ବନ୍ଦ କରିବେ ପଶ୍ଚିମାଞ୍ଚଳ ଓ ଦକ୍ଷଣାଞ୍ଚଳର ବସ୍ ମାଲିକ ସଂଘ। ସୋମବାରି ସନ୍ଧ୍ୟା ୬ଟାରୁ ୨୪ ଘଣ୍ଟିଆ ବସ୍ ଚଳାଚଳ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି।**



**ଭୁବନେଶ୍ୱର, ୬।୧୦:** ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ କରି ତେଜିଲା ବିବାଦ। ଘରୋଇ ବସ୍ ବନ୍ଦ କରିବେ ପଶ୍ଚିମାଞ୍ଚଳ ଓ ଦକ୍ଷଣାଞ୍ଚଳର ବସ୍ ମାଲିକ ସଂଘ। ଆସନ୍ତାକାଲି ସନ୍ଧ୍ୟା ୬ଟାରୁ ୨୪ ଘଣ୍ଟିଆ ବସ୍ ଚଳାଚଳ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି।

୧୩ ଜିଲ୍ଲାର ୨୪ ଘରୋଇ ବସ୍ ମାଲିକ ସଂଘ ୨୪ ଘଣ୍ଟିଆ ଧର୍ମଘଟ କରିବ। ସେମାନେ ଅଭିଯୋଗ କରିଛନ୍ତି, ବିଜେଡି ସରକାର ଅମଳରେ ପ୍ରଥମେ ଟାୟାର ୱାନ ଲକ୍ଷ୍ମୀ ବସ୍ ଚାଲିଥିଲା। ପ୍ରତିବାଦ ପରେ ବନ୍ଦ ରହିଥିଲା। ତେବେ ପୁଣି ଟାୟାର ଟୁ ଲକ୍ଷ୍ମୀ ବସ ଚଳାଚଳ ନେଇ ବସ ମାଲିକ ସଂଘ ପ୍ରତିବାଦ କରିଥିଲେ। ହେଲେ ନିର୍ବାଚନ ଯୋଗୁଁ ତାହା ସ୍ଥଗିତ ରହିଥିଲା। ବର୍ତ୍ତମାନ ସରକାର ବଦଳିଛି, ହେଲେ ବଦଳିନି ପୂର୍ବ ସରକାରଙ୍କ ଯୋଜନା।

ଏନେଇ ପରିବହନ ବିଭାଗ କିମ୍ବା ରାଜ୍ୟ ସରକାରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । କଳାହାଣ୍ଡି ବସ୍ ମାଲିକ ସଂଘ ସଭାପତି ପ୍ରବୋଧ ରଥ କହିଛନ୍ତି, ୧୪ଟି ଜିଲ୍ଲା ଓ ୨୫ଟି ୟୁନିୟନ ଏହି ଆଲୋଚନାରେ ସାମିଲ ହୋଇଛନ୍ତି। ବର୍ଷେ ହେଲା ଆମେ ସଂଗ୍ରାମ ଜାରି ରଖିଛୁ। ଆମର ବସ୍ ମାଲିକ ଓ କର୍ମଚାରୀଙ୍କ ଦୁଃଖ ବୁଝିବାକୁ ସରକାର ଚେଷ୍ଟା କରନ୍ତୁ।

ଏହା ଆମ ପେଟପାଟଣାର କଥା। ସରକାର ଆମ ଦାବି ଗ୍ରହଣ କରି ଏହି ସମସ୍ୟାର ସମାଧାନ କରନ୍ତୁ ବୋଲି ଅନୁରୋଧ କରୁଛୁ। ନଚେତ ଆସନ୍ତାକାଲି ସକାଳ ୬ଟାରୁ ଆମେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ସେ କହିଛନ୍ତି ।

ଦକ୍ଷିଣ ଓ ପଶ୍ଚିମାଂଚଳ ଘରୋଇ ବସ୍ ମାଲିକ ସଂଘର ବନ୍ଦ ଡାକରା ପ୍ରସଙ୍ଗରେ ପରିବହନ ମନ୍ତ୍ରୀ ବିଭୂତି ଜେନା ବସ ମାଲିକଙ୍କୁ ଆଲୋଚନାକୁ ଆସିବାକୁ ଅନୁରୋଧ କରିଛନ୍ତି ।

ସେ କହିଛନ୍ତି ଯେ, କାଲି ଆଲୋଚନା ହେବ, ଏ ସଂପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ।ତେଣୁ ବନ୍ଦ ନ କରି ଆଲୋଚନାକୁ ଆସିବାକୁ ସେ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଯେ, ପଂଚାୟତରୁ ବ୍ଲକକୁ ଲୋକେ ହେଉ ନଥିବା ଯୋଗୁଁ ବସ୍ ଖାଲିପଡ଼ୁଛି । ବସ୍ ଚାଲିବ, କେବଳ ରୂପରେଖ ପରିବର୍ତ୍ତନ ହେବ। ଲକ୍ଷ୍ମୀ ବସ୍‌କୁ ବିରୋଧ କରି ବସ୍ ମାଲିକ ସଂଘର ବନ୍ଦ ଡାକରା ଦେଇଛି ।

## ୯ରେ ପୁଣି ଆସିବ ସୁଭଦ୍ରା ଟଙ୍କା



**ଭୁବନେଶ୍ୱର, ୬।୧୦:** ସୁଭଦ୍ରା ହିତାଧିକାରୀଙ୍କ ପାଇଁ ରାଜ୍ୟ ସରକାର ପୁଣି ଖୁସି ଖବର ଆଣିଛନ୍ତି। ଆସନ୍ତା ୯ ତାରିଖ ଦିନ ଏହି ଯୋଜନା ସହିତ ଜଡ଼ିତ ହିତାଧିକାରୀମାନେ ଟଙ୍କା ପାଇବେ। ୨୦୨୪ ଅକ୍ଟୋବର ୯ ତାରିଖ ପୂର୍ବରୁ ରାଜ୍ୟ ସରକାର ପୂର୍ବ ଭଳି ପରୀକ୍ଷାମୂଳକ ଭାବେ ୧ ଟଙ୍କା ପଠାଇବେ। ତା'ପରେ ପ୍ରଥମ କିସ୍ତିର ବାକି ୪,୯୯୯ ଟଙ୍କା ପଠାଇବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବାରିପଦାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ଜାରି କରିବେ। ଶ୍ରୀମତୀ ପରିଡ଼ା ମୟୂରଭଂଜରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀମାନଙ୍କୁ ଟଙ୍କା ପଠାଇବେ।

ଆସନ୍ତା ୯ ତାରିଖ ପୂର୍ବରୁ ରାଜ୍ୟ ସରକାର ପୂର୍ବ ଭଳି ପରୀକ୍ଷାମୂଳକ ଭାବେ ସୁଭଦ୍ରା ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧ ଟଙ୍କା ପଠାଇବେ। ତା'ପରେ ପ୍ରଥମ କିସ୍ତିର ବାକି ୪,୯୯୯ ଟଙ୍କା ପଠାଇବେ। ପ୍ରଥମ ପର୍ଯ୍ୟାୟ ଭଳି ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ରାଜ୍ୟ ସରକାର ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ସର୍ବ ପ୍ରଥମେ ୧ ଟଙ୍କା ପଠାଇବେ। ପରେ ବାକି ଟଙ୍କା ଖାତାକୁ ଆସିବ। ଏହି ପର୍ଯ୍ୟାୟରେ ୪୦ ହଜାର ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଆସିବ। ତେବେ ଯେଉଁମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ଏହି ପର୍ଯ୍ୟାୟରେ ଟଙ୍କା ଆସିବ ନାହିଁ, ସେମାନେ ଆଗାମୀ ଦିନରେ ପାଇବେ।

ସୂଚନାଯୋଗ୍ୟ, ସୁଭଦ୍ରା ଯୋଜନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଗତମାସ ୧୭ ତାରିଖ ଦିନ ୨୫ ଲକ୍ଷ ୧୧ ହଜାର ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ଟଙ୍କା ମିଳିଥିଲା ବୋଲି ରାଜ୍ୟ ସରକାର କହିଥିଲେ। ରାଜ୍ୟ ସରକାର ଆହୁରି ମଧ୍ୟ କହିଥିଲେ ଯେ, ଯେଉଁମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଯାଇନାହିଁ, ବ୍ୟସ୍ତ ହୁଅନ୍ତୁ ନାହିଁ। ଶେଷ ହିତାଧିକାରୀଙ୍କ ପର୍ଯ୍ୟନ୍ତ ଟଙ୍କା ପହଞ୍ଚିବ। ଏଥି ପାଇଁ ୨୦୨୫ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କିସ୍ତିରେ ଟଙ୍କା ଯିବ ।

| | |
|---|---|
| ସେନ୍‌ସେକ୍ସ | ୮୨,୪୯୭ |
| ନିଫ୍ଟି | ୨୫,୨୫୦ |
| ସୁନା/୧୦ଗ୍ରା | ୭୭,୭୩୦ |
| ରୂପା/କିଗ୍ରା | ୯୫,୦୦୦ |
| ଡଲାର | ୮୪.୦୧ |

### ପାଣିପାଗ

| | |
|---|---|
| **ସର୍ବାଧିକ** | |
| ଭୁବନେଶ୍ୱର: | ୩୩.୫° |
| କଟକ: | ୩୨.୫° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୨୫.୯° |
| କଟକ: | ୨୬.୦° |

### ହାଲ୍‌ଚାଲ୍

ସୁଭଦ୍ରା

ନଅରେ ଆସିବ ସୁଭଦ୍ରା ଟଙ୍କା
ଆବେଦନକାରୀ ଅପେକ୍ଷା କରିଛନ୍ତି
କୋଟିଏ ପାଖାପାଖି ହିତାଧିକାରୀ
ଆବେଦନ କରିସାରିଛନ୍ତି
ବାରିପଦାରୁ ବଣ୍ଟନ ହେବ
ଲୋକେ ଚାତକ ଭଳି ଚାହିଁଛନ୍ତି ।

## ଥାନାରେ ଜିଲ୍ଲାପାଳଙ୍କୁ ଦିଆଗଲା ନକଲି ପାଣି ବୋତଲ

**ଚଳାଗଲା ବୁଲ୍‌ଡୋଜର**

**ବାଗପତ, ୬।୧୦:** ଜିଲ୍ଲାପାଳ ଗୋଟିଏ ଥାନାକୁ ଯାଇଥିଲେ। ସେଠାରେ ତାଙ୍କୁ ୫୦୦ ମିଲିଲିଟର ଏକ ପାଣି ବୋତଲ ଦିଆଯାଇଥିଲା। ପାଣି ବୋତଲଟିରେ ଲେଖାଯାଇଥିବା କଂପାନୀର ନାଁ ଉପରେ ତାଙ୍କର ନଜର ପଡ଼ିଥିଲା। ଆଉ ସେ ଦଙ୍ଗ ହୋଇ ପଡ଼ିଯାଇଥିଲେ। ସେଥିରେ ଇଂରାଜୀରେ ଲେଖାଯାଇଥିଲା 'Bilseri'। ଅନ୍ୟମାନଙ୍କ ଭଳି ସେ ଜାଣନ୍ତି 'Bisleri' ବୋତଲରେ ପାଣି ପ୍ୟାକ୍ କରି ବିକ୍ରି କରେ। 'Bilseri' ନାଁଟି ସେ କେବେ ଶୁଣି ନଥିଲେ। ଆଉ ତାଙ୍କର ସନ୍ଦେହ ଏକ ନକଲି ପାଣି ବୋତଲ ରାକେଟକୁ ଧରିବାରେ ସଫଳ ହୋଇଥିଲା। ଘଟଣାଟି ଘଟିଛି ଉତ୍ତର ପ୍ରଦେଶର ବାଗପତ ଜିଲ୍ଲାରେ।

ବାଗପତ ଜିଲ୍ଲାପାଳ ଜିତେନ୍ଦ୍ର ପ୍ରତାପ ସିଂହ ଓ ଏସ୍‌ପି ଅର୍ପିତ ବିଜୟବର୍ଗୀୟ ଏକ ଥାନାକୁ ଗସ୍ତ କରିଥିବା ବେଳେ ଏହି ଘଟଣା ଘଟିଥିଲା। ଜିଲ୍ଲାପାଳ ଓ ଏସ୍‌ପି ପାଣି ବୋତଲଟି ଭଲ ଭାବେ ଯାଞ୍ଚ କରିବା ପରେ ସେଥିରେ ଆବଶ୍ୟକ ଫୁଡ୍ ଲାଇସେନ୍ସ ନମ୍ବର ନଥିଲା। ଏହା ପରେ ଖାଦ୍ୟ ସୁରକ୍ଷା ବିଭାଗର ଅଧିକାରୀଙ୍କୁ ତୁରନ୍ତ ଏହାର ତଦନ୍ତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।



ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ତଦନ୍ତ କରି ଜାଣିବାକୁ ପାଇଲେ ଯେ ଉକ୍ତ ପାଣି ବୋତଲ ଗୌରୀପୁରରୁ ଏକ ଦୋକାନରୁ ଆସିଥିଲା। ଅଧିକ ତଦନ୍ତ ପରେ ସେମାନେ ଦୋକାନ ମାଲିକ ଭୀମ ସିଂହଙ୍କ ପାଖରେ ପହଞ୍ଚିଥିଲେ।

ଭୀମ ସିଂହ ତାଙ୍କ ଘରେ ଏକ ଗୋଦାମ କରି ନକଲି ପାଣି ବୋତଲ ରଖିଥିଲେ ଓ ପୂରା ବାଗପତ ଜିଲ୍ଲାର ବିଭିନ୍ନ ଦୋକାନକୁ ପଠାଉଥିଲେ। ତାଙ୍କ ଗୋଦାମରୁ ୨୬୬୩ଟି ପାଣି ବୋତଲ ବାହାରିଥିଲା। ଇସପ୍ଦ୍ଧକ୍ଷରକ୍ସ ପାଣି ବୋତଲକୁ ନକଲି କରି ସେହି ବୋତଲଗୁଡ଼ିକୁ ତିଆରି କରାଯାଇଥିଲା। ତେବେ ସେଥିରେ ଲାଗିଥିବା ଷ୍ଟିକରଗୁଡ଼ିକରେ କେଉଁଥିରେ Bilseri ଲେଖାଯାଇଥିଲା ତ ଆଉ କେଉଁଥିରେ Bislari ଓ Bisalleri ଲେଖାଯାଇଥିଲା। ସେହି ବୋତଲଗୁଡ଼ିକରୁ ପାଣିର ନମୁନା ସଂଗ୍ରହ କରାଯାଇ ସେଥିରେ ବୁଲଡୋଜର ଚଢ଼ାଇ ଦିଆଯାଇଥିଲା। ଭୀମ ସିଂହ ଗୋଦାମ ଘରକୁ ସିଲ୍ କରି ଦିଆଯାଇଥିବା ବେଳେ ଆଇନ ଅନୁସାରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି।

### ରାସ୍ତାରେ ଜଳିଗଲା ଟ୍ରକ୍-କଣ୍ଟେନର

## ୨ ଡ୍ରାଇଭର ଜୀବନ୍ତ ଦଗ୍ଧ

**ସମ୍ବଲପୁର:** ଟ୍ରକ୍-କଣ୍ଟେନର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣା ପରେ ଉଭୟ ଗାଡ଼ିରେ ଲାଗିଲା ନିଆଁ। ସମ୍ବଲପୁର ଜିଲ୍ଲା ଜମନକିରା ଥାନା ୫୩ ନମ୍ବର ଜାତୀୟର କଦଳୀପାଳ ନିକଟରେ ଘଟିଛି ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। କଣ୍ଟେନର ଚାଳକ ରେହେମାନ ଖାନା ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ଖଳାସୀ ଗୁରୁତର ଆହତ ହୋଇଛି । ତାଙ୍କୁ ଉଦ୍ଧାର କରାଯାଇ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ରବିବାର ସନ୍ଧ୍ୟା ପ୍ରାୟ ସାମେ ୫ଟା ବେଳେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ପରେ ରାସ୍ତାରେ ଟ୍ରକ୍ ଓ କଣ୍ଟେନର ଜଳୁଥିବାରୁ ଗାଡ଼ି ଚଳାଚଳ ଠପ୍ ହୋଇଯାଇଛି । ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ଶହଶହ ଗାଡ଼ି ଦୀର୍ଘ ସମୟ ପାଇଁ ଅଟକି ରହିଛି । ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁ ଆୟତ୍ତ କରିବାକୁ ଚେଷ୍ଟା କରୁଛନ୍ତି।



# ହ୍ୟାଲୋ ବଲିଉଡ୍



## ସେକେଣ୍ଡ ଓ୍ୱିକେଣ୍ଡ ଏଣ୍ଟ୍ରିରେ ବଢ଼ିଲା 'ଦେବରା'ର କଲେକ୍ସନ

ଜୁନିୟର ଏନଟିଆର, ସୈଫ ଅଲ୍ଲୀ ଖାନ ଏବଂ ଜାହ୍ନବୀ କପୁରଙ୍କ ଫିଲ୍ମ 'ଦେବରା ପାର୍ଟ ୧' ଆଜି ନିଜ ଦ୍ୱିତୀୟ ଓ୍ୱିକେଣ୍ଡରେ ଏଣ୍ଟ୍ରି କରି ସାରିଛି । ୨୭ସେପ୍ଟେମ୍ବରରେ ରିଲିଜ ହୋଇଥିବା ଫିଲ୍ମ ଭଲ ଓପନିଂ କଲେକ୍ସନ କରିଥିଲା । ପ୍ରଥମ ଦିନ ୮୨.୫କୋଟିରୁ ଖାତା ଖୋଲିଥିବା ଫିଲ୍ମ ଦ୍ୱିତୀୟ ଦିନ ୩୮.୨କୋଟି, ତୃତୀୟ ଦିନ ୩୯.୯କୋଟି ଏବଂ ଚତୁର୍ଥ ଦିନ ୧୨.୭୫କୋଟି କଲେକ୍ସନ କରିଥିଲା । ଫିଲ୍ମ ୫ମ, ୬ଷ୍ଠ, ୭ମ ଦିନ ୧୪କୋଟି, ୨୧କୋଟି ଏବଂ ୭.୨୫କୋଟି ଟଙ୍କା କଲେକ୍ସନ କରି ନିଜ ସ୍ଥିତି ମଜବୁତ ରଖିଥିଲା । ଫିଲ୍ମର ୮ମ ଦିନ କଲେକ୍ସନର କଥା ଯଦି ଆମେ କହିବା ତେବେ ଫିଲ୍ମ ୬କୋଟି ଟଙ୍କା କଲେକ୍ସନ କରିଥିଲା ଏବଂ ଏହାସହ ବଲିଉଡ୍ ଫିଲ୍ମ 'ଫାଇଟର'କୁ ଘରୋଇ ବକ୍ସ ଅଫିସର ରେକର୍ଡ଼ ଯାହା ୨୧୨.୫କୋଟି ଥିଲା ତାହାକୁ ଭାଙ୍ଗି ଦେଇଛି । 'ଦେବରା-ପାର୍ଟ ୧' ମୂଳ ତେଲୁଗୁ ଆକ୍ସନ- ଥ୍ରୀଲର ଫିଲ୍ମ ଅଟେ । ଯାହାକୁ ହିନ୍ଦୀ ସମେତ କେତେକ ଅନ୍ୟ ଭାରତୀୟ ଭାଷା ଯେମିତି କି ତାମିଲ, କନ୍ନଡ଼ ଏବଂ ମାଲାୟଲମରେ ରିଲିଜ କରାଯାଇଛି ।

ପ୍ରବାସୀ ଶ୍ରମିକଙ୍କୁ ରାସନ କାର୍ଡ ଯୋଗାଇବାରେ ବିଳମ୍ବ

# ସରକାରଙ୍କ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

**ସମ୍ପର୍କିତ ମାମଲାର ଶୁଣାଣି କରି ଜଷ୍ଟିସ୍ ସୁଦର୍ଶନ ଧୁଲିଆ ଏବଂ ଅସନୁଦ୍ଦିନ ଅମାନୁଲ୍ଲାଙ୍କ ଖଣ୍ଡପୀଠ ଏପରି କହିଛନ୍ତି । ଏଥିସହିତ ନଭେମ୍ବର ୧୯ ତାରିଖ ସୁଦ୍ଧା ପଦକ୍ଷେପ ନେବାକୁ ସରକାରମାନଙ୍କୁ ଅନ୍ତିମ ସୁଯୋଗ ଦେଇଛନ୍ତି କୋର୍ଟ ।**



**ନୂଆଦିଲ୍ଲୀ:** ପ୍ରବାସୀ ଶ୍ରମିକମାନଙ୍କୁ ରାସନ କାର୍ଡ ଯୋଗାଇବାରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ସରକାରଙ୍କ ବିଫଳତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ସୁପ୍ରିମକୋର୍ଟ କହିଛନ୍ତି । ଆମର ଆଉ ଧୈର୍ଯ୍ୟ ନାହିଁ । ତୁରନ୍ତ ଏ ନେଇ ପଦକ୍ଷେପ ନିଆଯାଉ ବୋଲି କୋର୍ଟ କହିଛନ୍ତି । ଏ ସମ୍ପର୍କିତ ମାମଲାର ଶୁଣାଣି କରି ଜଷ୍ଟିସ୍ ସୁଦର୍ଶନ ଧୁଲିଆ ଏବଂ ଅସନୁଦ୍ଦିନ ଅମାନୁଲ୍ଲାଙ୍କ ଖଣ୍ଡପୀଠ ଏପରି କହିଛନ୍ତି । ଏଥିସହିତ ନଭେମ୍ବର ୧୯ ତାରିଖ ସୁଦ୍ଧା ପଦକ୍ଷେପ ନେବାକୁ ସରକାରମାନଙ୍କୁ ଅନ୍ତିମ ସୁଯୋଗ ଦେଇଛନ୍ତି କୋର୍ଟ ।

ଏନେଇ କୋର୍ଟ କହିଛନ୍ତି "ଆମେ ପାଖରେ ଆଉ ଧୈର୍ଯ୍ୟ ନାହିଁ । ନିର୍ଦ୍ଦେଶ ପାଳନ କରିବା ପାଇଁ ଆମେ ଶେଷ ସୁଯୋଗ ଦେଉଛୁ । ନହେଲେ ଆପଣଙ୍କ ସଚିବ ଉପସ୍ଥିତ ରହିବେ ।" କେନ୍ଦ୍ର ସରକାର ପାଇଁ ହାଜର ହୋଇଥିବା ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି କହିଥିଲେ ଯେ ଅନ୍ତ୍ୟୋଦୟ ଅନ୍ନ ଯୋଜନା ଅଧୀନରେ ପ୍ରାଥମିକ ପର୍ଯ୍ୟାୟର ପରିବାରକୁ କେବଳ ଗୋଟିଏ ରାସନ କାର୍ଡ ଦିଆଯାଉଛି ।

୨୦୨୦ରେ କୋଭିଡ ପରେ ପ୍ରବାଶୀ ଶ୍ରମିକ ମାନେ ରାସନ ପାଇଁ ସମସ୍ୟା ଭୋଗିବା ପରେ କୋର୍ଟ ନିଜ ଆଡ଼ ମାମଲା ରୁଜୁ କରି ଶୁଣାଣି କରିଥିଲେ । ସର୍ବୋଚ୍ଚ ଅଦାଲତ ଏହା ପୂର୍ବରୁ ୨୦୨୧ର ରାୟର ଅନୁପାଳନ ଏବଂ ପ୍ରବାସୀ ଶ୍ରମିକମାନଙ୍କୁ ରାସନ କାର୍ଡ ଏବଂ ଅନ୍ୟାନ୍ୟ କଲ୍ୟାଣମୂଳକ ପଦକ୍ଷେପ ପ୍ରଦାନ ସମ୍ବନ୍ଧରେ ସବିଶେଷ ତଥ୍ୟ ପ୍ରଦାନ କରିବାକୁ ଏକ ଆଫିଡେଭିଟ୍ ଦାଖଲ କରିବାକୁ କହିଥିଲେ ।

୨୯ ଜୁନ୍ ୨୦୨୧ର ସର୍ବୋଚ୍ଚ ନ୍ୟାୟାଳୟ ରାୟ ଓ ପରବର୍ତ୍ତୀ ନିର୍ଦ୍ଦେଶରେ, କୋଭିଡ-୧୯ ମହାମାରୀ ସମୟରେ ପୀଡିତ ସମସ୍ତ ପ୍ରବାସୀ ଶ୍ରମିକଙ୍କୁ 'ଇ-ଶ୍ରାମ' ପୋର୍ଟାଲ୍ ପଞ୍ଜିକୃତ ରେସନ କାର୍ଡ ପ୍ରଦାନ ସମେତ କଲ୍ୟାଣମୂଳକ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

୨୦୨୧ ରାୟରେ ସର୍ବୋଚ୍ଚ ଅଦାଲତ ଅସଂଗଠିତ ଶ୍ରମିକଙ୍କ ପାଇଁ ଜାତୀୟ ଡାଟାବେସ୍ (NDUW) ସୃଷ୍ଟି କରିବାରେ କେନ୍ଦ୍ରର 'ଉଦାସୀନତା ଏବଂ ଅଭାବନୀୟ ମନୋଭାବ'କୁ ଅକ୍ଷମଣୀୟ ବୋଲି କହିଥିଲେ । ଏବଂ ୩୧ ଜୁଲାଇ ୨୦୨୧ ସୁଦ୍ଧା ଏହାର କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥଲେ । ଯାହା ଦ୍ୱାରା ସମସ୍ତ ପ୍ରବାସୀ ଶ୍ରମିକ ପଞ୍ଜୀକୃତ ହେବେ ଏବଂ କୋଭିଡ ଭଳି ଖରାପ ସ୍ଥିତିରେ ସେମାନଙ୍କ ପାଇଁ କଲ୍ୟାଣମୂଳକ କାର୍ଯ୍ୟ ସେମାନଙ୍କ ପାଖରେ ପହଞ୍ଚିବ ।

କେବଳ ସେତିକି ନୁହେଁ, ମହାମାରୀ ଶେଷ ନହେବା ପର୍ଯ୍ୟନ୍ତ ସେମାନଙ୍କୁ ମାଗଣା ଶୁଖିଲା ରାସନ ଯୋଗାଇବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏବଂ କେନ୍ଦ୍ରକୁ ଏଥିପାଇଁ ଅତିରିକ୍ତ ଖାଦ୍ୟଶସ୍ୟ ଯୋଗାଇ ଦେବ ବୋଲି ମଧ୍ୟ କହିଥିଲେ ।

ଘରେ ଲାଗିଲା ନିଆଁ

# ଗୋଟିଏ ପରିବାର ୭ ଜଳିଗଲେ



**ଦୋକାନରେ ସର୍ଟ୍ ସର୍କିଟ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି । ପରେ ନିଆଁ ପୂରା ଘରେ ବ୍ୟାପି ଯାଇଥିଲା । ନିଆଁ ଲାଗିବା ସମୟରେ ପୂରା ପରିବାର ଗୋଟିଏ ରୁମ୍‌ରେ ଶୋଇଥିଲେ । ଏମାନେ ସମସ୍ତେ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି ।**

**ମୁମ୍ବାଇ:** ଭୟଙ୍କର ଅଗ୍ନିକାଣ୍ଡ । ଘରେ ନିଆଁ ଲାଗି ଜଳିଗଲେ ଗୋଟିଏ ପରିବାରର ୭ ଜଣ । ଏଭଳି କିଛି ଘଟଣା ଘଟିଛି ମୁମ୍ବାଇର ଚେମ୍ବୁର ଅଞ୍ଚଳରେ । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି ।

ଆଜି ସକାଳୁ ମୁମ୍ବାଇ ଚେମ୍ବୁର ଅଞ୍ଚଳର ସିଦ୍ଧାର୍ଥ କଲୋନୀରେ ଥିବା ଏକ ଘରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା । ଭୋର୍ ସାଢ଼େ ୪ଟା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା । ଏଥିରେ ଗୋଟିଏ ପରିବାରର ୭ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଦୁଇ ଜଣ ଛୋଟ ଛୁଆ ମଧ୍ୟ ଅଛନ୍ତି ।

ଏହି ଦୁର୍ଘଟଣା ଏ + ୨ ର ଏକ ଘରେ ଘଟିଥିଲା । ଏହି ଘର ତଳେ ଏକ କରାଣି ଦୋକାନ ଥିଲା ଏବଂ ଦୋକାନ ଉପରେ ୨ ମହଲା ବିଶିଷ୍ଟ ଏକ ଛୋଟ ଘର ତିଆରି ହୋଇଥିଲା । ଦୋକାନରେ ସର୍ଟ୍ ସର୍କିଟ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି । ପରେ ନିଆଁ ପୂରା ଘରେ ବ୍ୟାପି ଯାଇଥିଲା । ନିଆଁ ଲାଗିବା ସମୟରେ ପୂରା ପରିବାର ଗୋଟିଏ ରୁମ୍‌ରେ ଶୋଇଥିଲେ । ଏମାନେ ସମସ୍ତେ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି ।

ଖବର ପାଇ ପୁଲିସ ଓ ଅଗ୍ନିଶମ ବାହିନୀର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ । ଅନେକ ଘଣ୍ଟା ପରିଶ୍ରମ ପରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା । ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ତେବେ ଦୋକାନ ଏବଂ ଘରେ ଥିବା ସମସ୍ତ ସାମଗ୍ରୀ ମଧ୍ୟ ପୋଡି ପାଉଁଶ ହୋଇଯାଇଛି । ପୁଲିସ ମାମଲାର ତଦନ୍ତ ଜାରି ରଖିଛି ।

## ଦକ୍ଷିଣ ଓ ପଶ୍ଚିମ ଓଡିଶାରେ ଆସନ୍ତା ୭ରେ ବସ ଧର୍ମଘଟ

**ଜୟପୁର:** ଲକ୍ଷ୍ମୀ ବସ ଚଳାଚଳକୁ ବିରୋଧ କରି ଆସନ୍ତା ୭ ତାରିଖରେ ଦକ୍ଷିଣ ଓ ପଶ୍ଚିମ ଓଡିଶାରେ ଘରୋଇ ବସ ଧର୍ମଘଟ ହେବ । ଏନେଇ ଆଜି ଘରୋଇ ବସଷ୍ଟାଣ୍ଡ ସଂଘ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନି ଆୟୋଜନ କରି ସଂଘର ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ମହାନ୍ତି ସୂଚନା ଦେଇଛନ୍ତି । ଗତ ସରକାର ଲକ୍ଷ୍ମୀ ବସ୍ ଟାୟାର-୧ ରେ ଚଳାଇବା ପାଇଁ ଆଲୋଚନା ହୋଇଥିଲା । ସରକାର ମଧ୍ୟ ରାଜି ହେବା ସହ ସଂଘ ମଧ୍ୟ ସହଯୋଗ କରୁଥିଲା । ଏହି ଅନୁଯାଇ ପ୍ରତ୍ୟେକ ପଂଚାୟତରୁ ବ୍ଲକ କାର୍ଯ୍ୟାଳୟ ଯାଏ ବସ ଚାଳଚଳ କରୁଛି । କିନ୍ତୁ ବର୍ତ୍ତମାନର ରାଜ୍ୟ ସରକାର ଟାୟାର ୨ ଚଲାଇବା ପାଇ ନିଷ୍ପତି ନେଇଛନ୍ତି । ଏହା ଦ୍ୱାରା ଘରୋଇ ବସ ମାଲିକ ମାନେ କ୍ଷତିଗ୍ରସ୍ତ ହେବେ । ତେଣୁ ରାଜ୍ୟ ସରକାର ତୁରନ୍ତ ଟାୟାର ୨ ନିଷ୍ପତିରୁ ଓହରିବାକୁ ଘରୋଇ ବସ ମାଲିକ ସଂଘ ଦାବି କରିଛି । ଲକ୍ଷ୍ମୀ ବସ୍ ରେ ଯାତ୍ରୀଙ୍କୁ ସୁଲଭ ଦରରେ ନେବା ଆଣିବା କରିବା ଫଳରେ ଯାତ୍ରୀ ମାନେ ଆଉ ଘରୋଇ ବସ୍ ପ୍ରତି ଆକୃଷ୍ଟ ହେବେ ନାହିଁ । । ଯେଉଁ ଅଂଚଳରେ ଘରୋଇ ବସ୍ ସେବା ନାହିଁ ସେହି ଅଂଚଳରେ ଲକ୍ଷ୍ମୀ ବସ୍ ଚଳାଚଳ କଲେ ସଂଘ ସମର୍ଥନ କରିବ । ତେଣୁ ରାଜ୍ୟ ସରକାର ଦାବି ପୁରଣ ନକଲେ ଆସନ୍ତା ୭ ତାରିଖ ସଂନ୍ଧ୍ୟା ୬ ଟାରୁ ୮ ତାରିଖ ସଂନ୍ଧ୍ୟା ୬ ଟା ଯାଏ ୨୪ ଘଂଟା ଘରୋଇ ବସ୍ ଚଳାଚଳ ବନ୍ଦ ରହିବ । ଏକ୍ସପ୍ରେସ, ଲୋକାଲ ବସ ସବୁ ବନ୍ଦ ରହିବ । ଯଦି ଲକ୍ଷ୍ମୀ ବସ୍ ଟାୟାର ୨ ଚଲାଇବା ନିଷ୍ପତି ପ୍ରତ୍ୟାହାର ନକେଲେ ଆଗାମି ଦିନରେ ଅନିର୍ଦ୍ଦିଷ୍ଟ କାଳ ଯାଏ ବସ୍ ବନ୍ଦ କରାଯିବ ବୋଲି ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ମହାନ୍ତି ସୂଚନା ଦେଇଛନ୍ତି ।

# ତିରୁପତି ପ୍ରସାଦରୁ ବାହାରିଲା ପୋକ !

**ନୂଆଦିଲ୍ଲୀ:** ତିରୁପତି ତିରୁମାଲା ମନ୍ଦିରର ପ୍ରସାଦକୁ ନେଇ ଥମୁନି ବିବାଦ । ଏଠାରେ ଲଡୁରେ ଅପମିଶ୍ରିତ ଘିଅ ଓ ପଶୁ ଚର୍ବି ମିଶା ଯାଉଥିବା ନେଇ ବିବାଦ ଥମି ନଥିବା ବେଳେ ଏବେ ଏହାର ପ୍ରସାଦରୁ ବାହାରିଛି ପୋକ । ଏଭଳି କିଛି ସଙ୍ଗୀନ ଅଭିଯୋଗ

**ଅଭିଯୋଗକୁ ତିରୁମାଲା ତିରୁପତି ଦେବସ୍ଥାନମ ପକ୍ଷରୁ ଖଣ୍ଡନ**



ଆଣିଛନ୍ତି ଜଣେ ଭକ୍ତ । ତେବେ ଏହି ଅଭିଯୋଗକୁ ତିରୁମାଲା ତିରୁପତି ଦେବସ୍ଥାନମ ଖଣ୍ଡନ କରିଛି ।

ପ୍ରକୃତରେ ଏହି ଘଟଣା ହେଉଛି ଅକ୍ଟୋବର ୨ ତାରିଖ ତଥା ବୁଧବାରର । ଚନ୍ଦୁ ନାମକ ଜଣେ ଭକ୍ତ ଓ୍ୱରଙ୍ଗଲାରୁ ତିରୁମାମଲା ମନ୍ଦିରକୁ ଭେଙ୍କେଟେଶ୍ୱର ସ୍ୱାମୀଙ୍କ ଦର୍ଶନ ପାଇଁ ଆସିଥିଲେ । ସେ ମନ୍ଦିର ଭିତରେ ଲଣ୍ଡା ହେବା ପରେ ପ୍ରସାଦ ସେବନ କରିବାକୁ ଯାଇଥିଲେ । ତେବେ ପ୍ରସାଦ ଖାଇବା ବେଳେ ସେଥିରେ ଏକ ପୋକ ଚାଲୁଥିବା ଦେଖିବାକୁ ପାଇଥିଲେ ।

ଏନେଇ ସେ ସେଠାରେ ଉପସ୍ଥିତ ଥିବା କର୍ମଚାରୀଙ୍କୁ କହିଥିଲି । କିନ୍ତୁ ସେମାନଙ୍କ ଯାହା ପ୍ରତିକ୍ରିୟା ରଖିଥିଲେ ତାହା ପୋକଠାରୁ ଅଧିକ ଆଶ୍ଚର୍ଯ୍ୟଜନକ ଥିଲା ବୋଲି ଭକ୍ତଜଣକ କହିଛନ୍ତି । ସେମାନେ କହିଥିଲେ ଯେ, ବେଳେବେଳେ ଏଭଳି ଘଟେ ।

ଏଭଳି ଘଟଣା ସାମ୍ନାକୁ ଆସିବା ପରେ ଭକ୍ତ ଜଣଙ୍କ ଏହା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି । ଏଥିସହ ଏଥିରୁ ଟିଟିଡି କର୍ତ୍ତୃପକ୍ଷଙ୍କ ଘୋର ଅବହେଳା ପଦାରେ ପଡିଛି । ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି ।

ଏହି ପୂରା ଘଟଣାର ଭିଡିଓ ଓ ଫଟୋ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ସେପଟେ ପ୍ରସାଦ ସେବନ ପାଇଁ ବ୍ୟବହୃତ କଦଳୀ ପତ୍ରରୁ ଏହି ପୋକ ଆସିଥାଇପାରେ ବୋଲି ମନ୍ଦିର ଅଧିକାରୀମାନେ କହିଛନ୍ତି ।

ତେବେ ଏହି ଅବହେଳା ଗ୍ରହଣୀୟ ନୁହେଁ । ଯଦି ପିଲାମାନେ କିମ୍ବା ଅନ୍ୟମାନେ ଏହି ଦୂଷିତ ଖାଦ୍ୟ ଖାଇ ଅସୁବିଧାରେ ପଡ଼ନ୍ତି ଏଥିପାଇଁ କିଏ ଦାୟୀ ରହିବେ ବୋଲି ଭକ୍ତ ଜଣକ ପ୍ରଶ୍ନ କରିଛନ୍ତି । ଏହି ଘଟଣା ସାମ୍ନାକୁ ଆସିବା ପରେ ମନ୍ଦିର କର୍ମଚାରୀମାନେ ସେମାନଙ୍କୁ ଅପମାନିତ ଓ ଭୟଭୀତ କରିବାକୁ ଚେଷ୍ଟା କରିଥିଲେ ବୋଲି ଭକ୍ତ ଚନ୍ଦୁ ଅଭିଯୋଗ କରିଛନ୍ତି ।

ସେପଟେ ପ୍ରସାଦରେ ପୋକ ଥିବା ଅଭିଯୋଗକୁ ଭିତ୍ତିହୀନ ଏବଂ ମିଥ୍ୟା ବୋଲି କହି ଟିଟିଡି ଦୃଢ଼ ଭାବେ ଏହାକୁ ଖଣ୍ଡନ କରିଛି । ପ୍ରତିଦିନ ହଜାର ହଜାର ଭକ୍ତଙ୍କ ପାଇଁ ଫ୍ରେସ୍ ପ୍ରସାଦ ପ୍ରସ୍ତୁତ କରାଯାଇଥାଏ । ପ୍ରସାଦରେ ପୋକ୍ ପଡ଼ିବା ଅସମ୍ଭବ ନୁହେଁ ବୋଲି ତିରୁମାଲା ତିରୁପତି ଦେବସ୍ଥାନମ କହିଛି ।

# ଆପ୍ ନେତାଙ୍କୁ ଅକାଳି ଦଳ ନେତାଙ୍କ ଗୁଳିମାଡ଼, ଡାକ୍ତରଖାନାରେ ଭର୍ତ୍ତି

**ଅମୃତସର:** ପଞ୍ଜାବର ଜଣେ ଆମ୍ ଆଦମୀ ପାର୍ଟି (ଆପ୍) ନେତାଙ୍କୁ ଗୁଳିମାଡ଼ । ଶିରୋମଣି ଅକାଳୀ ଦଳର ଜଣେ ନେତା ତାଙ୍କୁ ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି । ଦୁଇ ଦଳର ନେତାଙ୍କ ମଧ୍ୟରେ ଯୁକ୍ତିତର୍କ ଚାଲିଥିବା ବେଳେ ଗୁଳିମାଡ଼ ହୋଇଥିବା ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି । ସୂଚନା ଅନୁସାରେ, ଏହି ଘଟଣା ପଞ୍ଜାବର ଫଜିଲ୍କା ଅଞ୍ଚଳରେ ଘଟିଛି । ସ୍ଥାନୀୟ ଆପ୍ ନେତା ମନଦୀପ ସିଂହ ବ୍ରାର ଏବଂ ଅକାଳି ଦଳ ନେତା ଭରଦେବ ସିଂହ ମାନଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଯୁକ୍ତିତର୍କ ହୋଇଥିଲା । ଏହି ସମୟରେ ଭରଦେବ ସିଂହ, ମନଦୀପ ସିଂହଙ୍କ ଉପରକୁ ଗୁଳି ଚଳାଇଥିଲେ । ଏନେଇ ଜଲାଲବାଦ ଆପ୍ ବିଧାୟକ ଜଗଦୀପ କାମ୍ବୋଜ ଗୋଲ୍ଡି ଅଭିଯୋଗ କରିଛନ୍ତି । ଅଭିଯୋଗ କ୍ରମେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସେପଟେ, ଗୁଳିମାଡ଼ ପରେ ମନଦୀପ ସିଂହଙ୍କ ଅବସ୍ଥା ଗୁରୁତର ରହିଛି । ତାଙ୍କୁ ପ୍ରଥମେ ଜଲାଲବାଦର ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଅବସ୍ଥା ବିଗିଡ଼ିବାରୁ ଲୁଧିଆନାର ଜିଲ୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।

# ମାଲାଓ୍ୱାର ଉପକୂଳରେ ନୌସେନାର ସମରାଭ୍ୟାସ

**ନୂଆଦିଲ୍ଲୀ:** ଚୀନ ସୀମାରେ ଉତ୍ତେଜନା ଭିତରେ ମଙ୍ଗଳବାର ଆରମ୍ଭ ହେଉଛି ସମରାଭ୍ୟାସ । ୪ ଦେଶର ମିଳିତ ଏହି ଯୁଦ୍ଧାଭ୍ୟାସକୁ ନେତୃତ୍ୱ ନେଉଛି ଭାରତ । ମାଲାଓ୍ୱାର ଉପକୂଳରେ ଏହି ସମରାଭ୍ୟାସ ହେବ । ଏଥିରେ ଭାରତ, ଆମେରିକା, ଅଷ୍ଟ୍ରେଲିଆ ଏବଂ ଜାପାନର ନୌ-ସେନା ସାମିଲ ହେବେ । ଭାରତୀୟ ନୌସେନ ପକ୍ଷରୁ କୁହାଯାଇଛି, ମଙ୍ଗଳବାର 'ମାଲାଓ୍ୱାର ଅଭ୍ୟାସ ୨୦୨୪' ଅକ୍ଟୋବର ୮ ତାରିଖରୁ ୧୮ ଅକ୍ଟୋବର ଯାଏଁ ଚାଲିବ । ବିଶାଖାପାଟନମ୍ ବନ୍ଦରନଗରୀରୁ ଏହି ବିଶାଳ ଯୁଦ୍ଧାଭ୍ୟାସ ଆରମ୍ଭ ହେବ ପରେ ସମୁଦ୍ର ଭିତରେ ୪ ଦେଶର ନୌସେନା ନିଜର ପରାକ୍ରମ ଦେଖାଇବେ । ମାଲାଓ୍ୱାର ଯୁଦ୍ଧା ଅଭ୍ୟାସ ୧୯୯୨ରୁ ଆମେରିକା ଏବଂ ଭାରତୀୟ ନୌସେନା ମଧ୍ୟରେ ଆରମ୍ଭ ହୋଇଥିଲା । ଏବେ ଏହା ୪ଟି ଦେଶ ମଧ୍ୟରେ ହେଉଛି ।

**ସାମିଲ ହେବେ ୪ ଶକ୍ତିଶାଳୀ ଦେଶ**

**୮ରୁ ୧୮ ଯାଏଁ ଚାଲିବ**



ମାଲାଓ୍ୱାର ସମରାଭ୍ୟାସର ଉଦ୍ଦେଶ୍ୟ ହେଉଛି, ନୌ-ସେନା କ୍ଷମତାକୁ ବୃଦ୍ଧି କରିବା । ଦେଶ ମଧ୍ୟରେ ସାମରିକ ବୁଝାବଣାକୁ ବୃଦ୍ଧି କରିବା । ଭାରତ ମହାସାଗର ଏବଂ ପ୍ରଶାନ୍ତ ମହାସାଗର ମଧ୍ୟରେ ଆସୁଥିବା ଚ୍ୟାଲେଞ୍ଜକୁ ସମାଧାନ କରିବା । ଏହି ଯୁଦ୍ଧା ଭାରତର ବହୁ ନୌସୈନିକ ସାମିଲ ହେବେ । ଯେଉଁଥିରେ ମିସାଇଲ୍ ବିଧ୍ୱସଂକ, ଯୁଦ୍ଧପୋତ, ସବ୍ ମେରାଇନ, ଫାଇଟର ଜେଟ୍ ଏବଂ ଯୁଦ୍ଧ ହେଲିକପ୍ଟର ସାମିଲ୍ ହୋଇ ନିଜର ପରାକ୍ରମ ଦେଖାଇବେ ।

ଭାରତ ଚୀନ ମଧ୍ୟରେ ପୂର୍ବ ଲଦାଖରେ ଉତ୍ତେଜନା ଲାଗି ରହିଛି । ଏହାକୁ ବାୟୁସେନା ମୁଖ୍ୟ ଚକିତ କଲା ଭଳି ବୟାନ ଦେଇଛନ୍ତି । ସେ କହିଛନ୍ତି, ଗତବର୍ଷ ପୂର୍ବ ଲଦାଖ ଏଲଏସିରେ ଯେଉଁ ଭଳି ସ୍ଥିତି ଥିଲା ଏବେବି ସମାନ ସ୍ଥିତି ରହିଛି । ହେଲେ ସେହି ଅଞ୍ଚଳରେ ବୁନିଆଦି ଢାଞ୍ଚାରେ ବିକାଶ ହେଉଛି । ଭାରତୀୟ ପ୍ରତିରକ୍ଷା ବିଭାଗ ପୂର୍ବ ଲଦାଖରେ ଏୟାରବେସରୁ ଅପଡେଟ୍ କରୁଛି । ଏହାରି ଭିତରେ ଭାରତୀୟ ନୌସେନା ମାଲାଓ୍ୱାର ତଟରେ ଯୁଦ୍ଧାଭ୍ୟାସ ଆୟୋଜନ କରୁଛନ୍ତି । ଏଥିରେ ୪ ଦେଶ ନିଜର ପରାକ୍ରମ ଦେଖାଇବେ ।

# କୁନା ଦାଶଙ୍କୁ ଶ୍ରୀକ୍ଷେତ୍ର ମିତ୍ର ରୂପେ ନିଯୁକ୍ତ କଲା ଜିଲ୍ଲା ପ୍ରଶାସନ

**ପୁରୀ:** ପୁରୀରେ ଜନ୍ମ ଗ୍ରହଣ କରିଥିଲେ ମଧ ଜାପାନକୁ ଦୀର୍ଘ ୩୫ ବର୍ଷ ଧରି ନିଜର କର୍ମଭୂମି ରୂପେ ବାଛିନେଇଥିବା କୁନା ଦାଶଙ୍କୁ ଶନିବାର ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶ୍ରୀକ୍ଷେତ୍ର ମିତ୍ର ଭାବେ ନିଯୁକ୍ତ ଦେଇଛନ୍ତି । ପର୍ଯ୍ୟଟନ ସହର ପୁରୀର ଐତିହ୍ୟ, କଳା, ସଂସ୍କୃତି, ଭାଷା ଓ ଶିକ୍ଷାର ବହୁଳ ମାତ୍ରାରେ ଜାପାନରେ ପ୍ରଚାର ପ୍ରସାର କରିବାରେ ଶ୍ରୀଦାଶଙ୍କ ଭୂମିକା ଅତୁଳନୀୟ । ଆଗାମୀ ଦିନରେ ପୁରୀକୁ ଅଧିକରୁ ଅଧିକ ବିଦେଶୀ ଓ ଭାରତ ପର୍ଯ୍ୟଟକଙ୍କ ସଂଖ୍ୟା କିପରି ବୃଦ୍ଧି ହେବ ସେ ନେଇ କାର୍ଯ୍ୟ କରିବେ ଶ୍ରୀ ଦାଶ । ଏସଂପର୍କରେ ଶ୍ରୀ ଦାଶ କୁହନ୍ତି, ଜାପାନରେ ଦୀର୍ଘ ବର୍ଷ ରହିବା ସହିତ ପୁରୀ ଓ ଓଡ଼ିଶାର କଳା ଓ ସଂସ୍କୃତି ଏବଂ ପର୍ଯ୍ୟଟନର ପ୍ରଚାର ପ୍ରସାର ଜାରିରଖିଛନ୍ତି । ଫଳରେ ଜାପାନ ସରକାରଙ୍କ ତରଫରୁ ବହୁ ସମ୍ମାନ ମିଳିଛି । ସେହିଭଳି ପୁରୀରେ ଜାପାନ ଭାଷା, ଶିକ୍ଷା, କଳା ଓ ସଂସ୍କୃତିର ପ୍ରଚାର କରାଯାଉଛି । ମାଗଣାରେ ଜାପାନୀ ଭାଷା ସହିତ ଆଇଟି କ୍ଷେତ୍ରରେ ଶିକ୍ଷାଦାନ ଦିଆଯାଉଛି । ଏଥିରେ ଯୁବକମାନେ କୃତକାର୍ଯ୍ୟ ହେବା ପରେ ଜାପାନର ବଡ ବଡ କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇଛନ୍ତି । ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ସହ ମିଳିତ ଭାବେ ପୁରୀରେ ଜାପାନ ତଥା ବିଦେଶ ପର୍ଯ୍ୟଟକଙ୍କ ଆଗମନ ଏବଂ ଜାପାନର ଉନ୍ନତ ମାନର ଜ୍ଞାନ କୌଶଳ ପ୍ରୟୋଗ କରାଯାଇ କିପରି ପୁରୀ ସହରକୁ ସୁସଜ୍ଜିତ କରାଯିବ ସେ ନେଇ ଉଦ୍ୟମ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି । ଏହି ସମୟରେ ପୌରପାଳିକା କାର୍ଯ୍ୟନିର୍ବାହି ଅଧିକାରୀ ଅଭିମନ୍ୟୁ ବେହେରାଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ରାଶିଫଳ

**ମେଷ:** ସପ୍ତମଚନ୍ଦ୍ର ଯୋଗୁ ମାନସିକ, ପାରିବାରିକ ଶାନ୍ତି ଏବଂ ଦାମ୍ପତ୍ୟ ଜୀବନରେ ମଧୁରତା ଆସିବ । ମନରେ ପ୍ରସନ୍ନତା, ଚାଲିଚଳନରେ ସଂଯମତା ଏବଂ ସମସ୍ତଙ୍କର ପ୍ରଶଂସାର ପାତ୍ର ହେବେ ।

**ବୃଷ :** ଘାତବାର ଏବଂ ଷଷ୍ଠଚନ୍ଦ୍ର ଯୋଗୁ ଘାତବାରର ପ୍ରଭାବ ରହିବ ନାହିଁ । ମନରେ ପ୍ରସନ୍ନତା, ଶରୀରରେ ସୁସ୍ଥତା, ପରିବାରରେ ମିତ୍ରତା, ସମସ୍ତଙ୍କର ସହ ପରୋପକାର, ସମାଜସେବା ଓ ଧାର୍ମିକ କର୍ମରେ ଅଧିକ ଆଗ୍ରହ ରହିବ ।

**ମିଥୁନ :** ପଞ୍ଚମ ଚନ୍ଦ୍ର, ଦିବା ୧୨ଟା ୩୪ ମିନିଟ୍ ପରେ ଘାତ ନକ୍ଷତ୍ର ଯୋଗୁ ସମସ୍ତ କର୍ମରେ ଶୁଭଫଳ ମିଳିଲେ ମଧ ମନ ଅସ୍ଥିର ଓ ବିଷାଦଗ୍ରସ୍ତ ରହିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ମଧ୍ୟମ ହେବ ।

**କର୍କଟ :** ଶୁକ୍ଳପକ୍ଷର ଚତୁର୍ଥ ଚନ୍ଦ୍ରଯୋଗୁ ଧନକ୍ଷତି, ମାନସିକ ଅସ୍ଥିରତା, ପରିବାରରେ ମନୋମାଳିନ୍ୟ, ସ୍ୱଜନ, ପରିଜନ, ବନ୍ଧୁବାନ୍ଧବ, ସହକର୍ମୀ, ସହଯୋଗୀଙ୍କ ସହ ବିବାଦ, ଯାନବାହନରେ ଖର୍ଚ୍ଚାନ୍ତ ଏବଂ ଆର୍ଥିକ ଠକାମିରେ ପଡ଼ିପାରନ୍ତି । ମୂଲ୍ୟବାନ ପଦାର୍ଥ ନଷ୍ଟ କିମ୍ବା ହଜି ଯାଇପାରେ ।

**ସିଂହ :** ଘାତବାର ଓ ତୃତୀୟ ଚନ୍ଦ୍ର ଯୋଗୁ ଘାତବାରର ପ୍ରଭାବ ରହିବ ନାହିଁ । ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି ଏବଂ ଭାଇଭଉଣୀଙ୍କ ପ୍ରତିସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା ଅଧିକ ରହିବ । ମନରେ ଦୃଢ଼ ଇଚ୍ଛାଶକ୍ତି ଓ ଆମବିଶ୍ୱାସ ବୃଦ୍ଧି ପାଇବ ।

**କନ୍ୟା:** ଘାତବାର ଏବଂ ଶୁକ୍ଳପକ୍ଷର ଦ୍ୱିତୀୟ ଚନ୍ଦ୍ରଯୋଗୁ ସମସ୍ତ କର୍ମରେ ଶୁଭଫଳ ମିଳିଲେ ମଧ ମନରେ ଆତ୍ମସନ୍ତୋଷ ଏବଂ ଆତ୍ମତୃପ୍ତି ମିଳିବ ନାହିଁ । ଧନ ଓ ଆୟପ୍ରତି ମନରେ ଅହେତୁକ ଦୁର୍ବଳତା ପ୍ରକାଶ ପାଇବ ।

**ତୁଳା :** ଶ୍ରୀଚନ୍ଦ୍ର, ଶନିବାର ଯୋଗୁ ଧନ, ମାନ, ସମ୍ମାନ, ଲକ୍ଷ୍ମୀଙ୍କର କୃପା ଏବଂ ସୁଖାଦ୍ୟ, ସୁବସନ ପ୍ରାପ୍ତି ହେବ । ଚାଲିଚଳନ, ବ୍ୟବହାରରେ ସଂଯମତା ରହିବ ଏବଂ ବଚନରେ ମଧୁରତା ଭାବ ପ୍ରକାଶ ପାଇବ ।

**ବିଛା :** ଦ୍ୱାଦଶଚନ୍ଦ୍ର ଯୋଗୁ ଆୟ ପାଞ୍ଚ ଟଙ୍କା ହେଲେ ବ୍ୟୟ ପଚିଶ ଟଙ୍କା ହେବ ଏବଂ ଆର୍ଥିକ ସ୍ଥିତି ବିଗିଡ଼ିଯିବ । ମନରେ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହଭାବ ପ୍ରକାଶ ପାଇବ ଏବଂ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବାରେ ଅସମର୍ଥ ହେବେ ଏବଂ ବିନାକାରଣରେ ବହୁତ ବ୍ୟସ୍ତ ରହିବେ ।

**ଧନୁ :** ଏକାଦଶ ଚନ୍ଦ୍ର, ମଙ୍ଗଳଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ମୂଲ୍ୟବାନ ଧାତୁ, ଭୂମି ଓ ସୌଖୀନ ଘରୋଇ ଉପକରଣ କ୍ରୟ କରିବେ । ଆକସ୍ମିକ ଧନଲାଭ, କୌଣସି ବିଶେଷ ସୂତ୍ରରୁ ଧନପ୍ରାପ୍ତି ଏବଂ ଅନ୍ୟକୁ ଦେଇଥିବା ଧନ ଓ ହୃତଧନ ଫେରି ପାଇବେ ।

**ମକର :** ଦଶମଚନ୍ଦ୍ର, ଶନିବାର ଯୋଗୁ ସମସ୍ତ କର୍ମରେ ଅସମ୍ଭବ ସଫଳତା ମିଳିବ । ନୂତନ କର୍ମାରମ୍ଭ କରିପାରନ୍ତି କିମ୍ବା ନୂତନ ନିଯୁକ୍ତି ମିଳିପାରେ । ଆଜି ଯେକୌଣସି କର୍ମ ଆରମ୍ଭ କରିବେ, ସେଥିରେ ଶତ ପ୍ରତିଶତ ସଫଳତା ପାଇବେ ।

**କୁମ୍ଭ :** ନବମ ଚନ୍ଦ୍ର, ଘାତତିଥି ଯୋଗୁ ସମସ୍ତକର୍ମରେ ଶୁଭଫଳ ମିଳିଲେ ମଧ ପରିବାରରେ ଅଶାନ୍ତି ଏବଂ ସ୍ୱଜନ, ପରିଜନଙ୍କ ବିରୋଧର ସମ୍ମୁଖୀନ ହେବେ । ମାନ, ସମ୍ମାନ, ସାମାଜିକ ପ୍ରତିଷ୍ଠା ଏବଂ ଜନ ସମ୍ପର୍କ ବୃଦ୍ଧି ପାଇବ ।

**ମୀନ :** ଅଷ୍ଟମଚନ୍ଦ୍ର, ଚତୁର୍ଥୀ ତିଥି ଏବଂ ଅପରାହ୍ଣ ୧୨ଟା ୩୪ ମିନିଟ୍ ପରେ ରାହୁଙ୍କ ନକ୍ଷତ୍ର ଏବଂ ବିଷ୍ଟୀ କରଣ ହେତୁ ବାଦ, ବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର, ଉଚ୍ଚସ୍ଥାନ ଆରୋହଣ, ଗ୍ୟାସ୍, ଇଲେକ୍ଟ୍ରିକ୍ ଦ୍ରବ୍ୟ ବ୍ୟବହାର ଏବଂ ଯାନବାହନ ଆରୋହଣ କାଳରେ ସତର୍କତା ଅବଲମ୍ବନ କରିବେ ।

# ମାତୃଭାଷା

କଟକ,ସୋମବାର, ଅକ୍ଟୋବର-୭, ୨୦୨୪ ପୃଷ୍ଠା:୪

## ଆଜିର ରାଜନେତାଙ୍କ ଠାରୁ ଆଉ କଣ ଆଶା କରାଯାଇପାରେ - ଡ୍ରଗ୍ସ କାରବାରରେ ବି ସମ୍ପୃକ୍ତ

ନିକଟରେ ଦିଲ୍ଲୀରେ ୫ହଜାର ୬ଶହ କୋଟି ଟଙ୍କାର ଡ୍ରଗ୍ସ ଜବତ ହେବା ଘଟଣା ଭାରତରେ ସର୍ବକାଳୀନ ବଡ ଡ୍ରଗ୍ସ ଚୋରା ଚାଲାଣ ବୋଲି କୁହାଯାଉଛି, ଯାହା ଏବେ ରାଜନୈତିକ ବିବାଦ ସୃଷ୍ଟି କରିଛି। ବିଭିନ୍ନ ସମୟରେ ଗୁରୁତର ରାଜନୈତିକ ପ୍ରଶ୍ନ ଉଠାଉଥିବା କଂଗ୍ରେସର ପୂର୍ବତନ ଯୁବ ନେତାଙ୍କର ଏଥିରେ ସମ୍ପୃକ୍ତି ନେଇ କଂଗ୍ରେସ ଉପରେ ବିଜେପି ଜୋରଦାର ଆକ୍ରମଣ କରିଛି। କଂଗ୍ରେସ କିନ୍ତୁ ଏଥିରେ ନିଜର କୌଣସି ପ୍ରକାର ସଂପୃକ୍ତିକୁ ଅସ୍ୱୀକାର କରିଛି। କିନ୍ତୁ ଏହି ଘଟଣାରେ ଉତ୍ତରଦାୟୀତ୍ୱ ଦାବି କରି ବିଜେପି ସର୍ବ ପୁରାତନ ଦଳ କଂଗ୍ରେସ ଉପରେ ଜୋରଦାର ଆକ୍ରମଣ କରୁଛି।

ଦକ୍ଷିଣ ଦିଲ୍ଲୀରେ ୫୬୦ କିଲୋଗ୍ରାମରୁ ଅଧିକ କୋକେନ ଏବଂ ୪୦ କିଲୋଗ୍ରାମ ହାଇଡ୍ରୋପୋନିକ ଗଞ୍ଜେଇ ଜବତ କରାଯାଇ ଏକ ଆନ୍ତର୍ଜାତୀୟ ଔଷଧ ସିଣ୍ଡିକେଟର କାରଣ ହୋଇଥିଲା। ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ତୁଷାର ଗୋୟଲ ମଧ୍ୟ ଅଛନ୍ତି, ଯିଏ ଏହି ବଡ ଡ୍ରଗ୍ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ବୋଲି ଅଭିଯୋଗ ହୋଇଛି। ବିଜେପି ମୁଖପାତ୍ରଙ୍କ ଅନୁଯାୟୀ ଗୋୟଲଙ୍କ ସଂଯୋଗ ଅପରାଧିକ କାର୍ଯ୍ୟକଳାପଠାରୁ ଅଧିକ। ସବୁଠାରୁ ବିସ୍ଫୋରକ ଦାବି ହେଉଛି ଗୋୟଲ ଦିଲ୍ଲୀ ପ୍ରଦେଶ ଯୁବ କଂଗ୍ରେସର ଆରଟିଆଇ ସେଲର ସଭାପତି ଭାବରେ କାର୍ଯ୍ୟ କରିଛନ୍ତି।

ଏହି ସମ୍ପର୍କ ଏକ ରାଜନୈତିକ ଝଡ଼ ସୃଷ୍ଟି କରିଛି, ଯେଉଁଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅମିତ ଶାହାଙ୍କ ଭଳି ଦିଗ୍ଗଜ ବିଜେପି ନେତାମାନେ ଖୋଲାଖୋଲି ଭାବେ କଂଗ୍ରେସର ଭୂମିକା ଉପରେ ପ୍ରଶ୍ନ ଉଠାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କଂଗ୍ରେସକୁ ଦୋଷାରୋପ କରିଛନ୍ତି ଯେ ଯୁବକମାନଙ୍କୁ ଡ୍ରଗ୍ସ ଆଡକୁ ଠେଲି ଦେଇଛନ୍ତି ଏବଂ ସେହି ଟଙ୍କାକୁ ନିର୍ବାଚନରେ ଜିତିବା ପାଇଁ ବ୍ୟବହାର କରୁଛନ୍ତି। ଏକ ବିବୃତ୍ତିରେ ବିଜେପି ମଧ୍ୟ ପଚାରିଛି ଯେ ଆଗାମୀ ହରିୟାଣା ବିଧାନସଭା ନିର୍ବାଚନକୁ ପାଣ୍ଠି ଯୋଗାଇବା ପାଇଁ ଡ୍ରଗ୍ସ ଟଙ୍କା ବ୍ୟବହାର କରାଯାଉଛି କି ନାହିଁ, ଏହା ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ହୁଡା ଏବଂ ତାଙ୍କ ରାଜନୈତିକ ନେଟୱାର୍କକୁ ସିଧାସଳଖ ଟାର୍ଗେଟ କରିଛି। ଚାରିଟି ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ପୂର୍ବରୁ ଏହି ଡ୍ରଗ୍ସ ଧରପଗଡ ମାମଲାର ସମୟ ରହସ୍ୟକୁ ଆହୁରି ଗଭୀର କରିଛି।

ଏହି ସୁଯୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କଂଗ୍ରେସ ଉପରେ ଜୋରଦାର ହମଲା କରିଛନ୍ତି । କହିଛନ୍ତି ଏହା ଦେଶର ସବୁଠୁ ବେଇମାନ ଓ ଦୁର୍ନୀତିଗ୍ରସ୍ତ ଦଳ। ସେ ଆହୁରି କହିଛନ୍ତି ଯେ, ସେମାନେ ଜମି ଲୁଟନ୍ତି, ମହିଳାଙ୍କ ସହ ଦୁର୍ବ୍ୟବହାର କରନ୍ତି ଏବଂ ସହରୀ ନକ୍ସଲଙ୍କୁ ସମର୍ଥନ କରନ୍ତି। ପ୍ରଧାନମନ୍ତ୍ରୀ ମୋଦି ଲୋକଙ୍କୁ ଚେତାବନୀ ଦେଇ କହିଛନ୍ତି ଯେ, ଯଦି ଆମେ ଭାଗ ଭାଗ ହୋଇଯିବା, ଆମକୁ ଭାଗ ଭାଗ କରୁଥିବା ବ୍ୟକ୍ତି ଉତ୍ସବ ପାଳିବେ।

ଉଲ୍ଲେଖନୀୟ ଯେ, ମହାରାଷ୍ଟ୍ରର ଠାଣେରେ ଏକ ସାର୍ବଜନୀନ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପିଏମ୍ ମୋଦି କହିଛନ୍ତି, କଂଗ୍ରେସ ଦେଶର ସବୁଠୁ ଦୁର୍ନୀତିଗ୍ରସ୍ତ ଦଳ। ହରିୟାଣା କଂଗ୍ରେସର ଜଣେ ନେତା ଡ୍ରଗ୍ସ ସହ ଧରା ପଡ଼ିଛି। ଏମାନେ ଶୋଷଣ କରିବା ପାଇଁ ନୂଆ ନୂଆ ଉପାୟ ଖୋଜନ୍ତି। ହିମାଚଳ ପ୍ରଦେଶରେ ତ ସେମାନେ ସବୁ ସୀମା ପାର୍ କରିଛନ୍ତି । ଶୌଚାଳୟ ଟ୍ୟାକ୍ସ ନାମକ ଏକ ନୂଆ ଟ୍ୟାକ୍ସ ପ୍ରସ୍ତାବ ଦେଇଛନ୍ତି, ଯାହା ଆମ କଳ୍ପନା ବାହାରେ। ଗୋଟିଏ ପଟେ ମୁଁ ଶୌଚାଳୟ ଉପଲବ୍ଧ କରାଉଛି ଏବଂ ଅନ୍ୟପଟେ ସେମାନେ ଶୌଚାଳୟ ଉପରେ ଟ୍ୟାକ୍ସ ଲଗାଉଛନ୍ତି। ସେମାନେ ଜମି ଲୁଟନ୍ତି ଏବଂ ମହିଳାଙ୍କ ସହ ଦୁର୍ବ୍ୟବହାର କରୁଛନ୍ତି। କଂଗ୍ରେସର ଆଜି ପର୍ଦ୍ଦାଫାସ ହୋଇଛି। ସେମାନେ ସହରୀ ନକ୍ସଲର ସଂଗଠନ ଚଳାଉଛନ୍ତି। କଂଗ୍ରେସ ଖୋଲା ଖୋଲି ଭାବେ ସେମାନଙ୍କ ସମର୍ଥନରେ ରହିଛି, ଯେଉଁମାନେ ଭାରତର ବିକାଶରେ ବାଧା ସୃଷ୍ଟି କରୁଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ସେମାନେ ସମାଜକୁ ଭାଗ ଭାଗ କରି କ୍ଷମତାକୁ ଆସିବା ମିଶନରେ ଅଛନ୍ତି। ଇତିହାସରୁ ଆମକୁ ଶିକ୍ଷା ନେବାର ଅଛି। ଆମକୁ ଏକଜୁଟ୍ ରହିବାର ଅଛି । ଯଦି ଆମେ ଭାଗ ଭାଗ ହୋଇଯିବା, ତେବେ ସେମାନେ ଉତ୍ସବ ପାଳନ କରିବେ। ସେମାନେ ଯେଉଁଠାକୁ ଯାଉଛନ୍ତି, ସେଠାରେ ବିନାଶ ହେଉଛି। ସେମାନେ ହିଁ ଦେଶକୁ ଗରିବୀ ଭିତରକୁ ଠେଲି ଦେଇଥିଲେ। ତାଙ୍କ ସହ ମେଣ୍ଟ କରୁଥିବା ଦଳ ବି ତୁଷ୍ଟିକରଣ କଥା କହିବା ଆରମ୍ଭ କରନ୍ତି। କଂଗ୍ରେସ ସାବରକରଙ୍କୁ ଅପମାନିତ କରିଥାଏ ।

ଏଥିନେଇ ବଡ ପ୍ରଶ୍ନ ହେଉଛି ଯେ କଂଗ୍ରେସ ଏହି ଡ୍ରଗ୍ ସିଣ୍ଡିକେଟ୍ ସହିତ ସଂଯୁକ୍ତ କି? ବିଜେପି ଉଠାଇଥିବା ସବୁଠାରୁ ପ୍ରତ୍ୟକ୍ଷ ପ୍ରଶ୍ନ ଗୋୟଲଙ୍କ କଂଗ୍ରେସ ଦଳ ସହ ହୋଇଥିବା ଲିଙ୍କକୁ ନେଇ ଚର୍ଚ୍ଚା ହେଉଛି। ଦଳରେ ଗୋୟଲଙ୍କ ଭୂମିକା ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରାଯିବା ଉଚିତ ବୋଲି ମତ ଦେଇ ବିଜେପି ନେତାମାନେ ଉତ୍ତର ଲୋଡିଛନ୍ତି। ଗୋୟଲ ନିକଟରେ ୨୦୨୨ ମସିହାରେ ଦିଲ୍ଲୀ ପ୍ରଦେଶ ଯୁବ କଂଗ୍ରେସର ଆରଟିଆଇ ସେଲର ଚେୟାରମ୍ୟାନ୍ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ବିଶିଷ୍ଟ କଂଗ୍ରେସ ନେତାଙ୍କ ସହ ଗୋୟଲଙ୍କ ଫଟୋ ସାମ୍ନାକୁ ଆସିଛି, ଯାହା ଅଭିଯୋଗକୁ ଆହୁରି ଦୃଢ କରିଛି।

ନିର୍ବାଚନ ପାଇଁ ଡ୍ରଗ୍ସ ଟଙ୍କା ଥିଲା କି? ଆଗାମୀ ହରିୟାଣା ନିର୍ବାଚନରେ ଡ୍ରଗ୍ସ ଟଙ୍କା ବ୍ୟବହାର କରାଯିବ କି ନାହିଁ ବୋଲି ବିଜେପି ପ୍ରଶ୍ନ କରିଛି। ଯଦି ଏପରି ଦାବି ପ୍ରମାଣିତ ହୁଏ, ତେବେ ଏହାର ଅର୍ଥ ହେଉଛି ସଂଗଠିତ ଅପରାଧ ଏବଂ ରାଜନୀତି ମଧ୍ୟରେ ଏକ ଗଭୀର ନକ୍ସା ଅଛି। ଚଳିତ ବର୍ଷ ୪ ଟି ରାଜ୍ୟରେ ବିଧାନସଭା ନିର୍ବାଚନ ହେବ, ତେଣୁ ଏହି ଅଭିଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ହେଉଛି ଏ ଦେଶର ଆଜିର ରାଜନେତାମାନଙ୍କର ଚିତ୍ର ଆଉ ଚରିତ୍ର। ସେମାନେ ଉଚ୍ଚାରଣରେ ଅତି ଉଚ୍ଚ ପ୍ରବଚନ ଦିଅନ୍ତି, କିନ୍ତୁ ଆଚରଣରେ ସମ୍ପୂର୍ଣ୍ଣ ବିପରୀତ ହୋଇଥାଆନ୍ତି। ଜନତାଙ୍କ ଲାଗି ବିଶେଷ କରି ଯୁବ ସମାଜ ସକାଶେ ଏମାନେ କୌଣସି ଆଦର୍ଶ ତ ପ୍ରସ୍ତୁତ କରିପାରୁନାହାନ୍ତି, ଓଲଟା ସେମାନଙ୍କ କୁପଥରେ ଯିବାର ଭଲ ମାର୍ଗଦର୍ଶନ କରୁଛନ୍ତି। ଆଜି ଦେଶର ଦୁର୍ଦ୍ଦଶା ଲାଗି ଏ ଭଳି ଭ୍ରଷ୍ଟ, ଦୁର୍ନୀତିଖୋର୍ ଆଉ ନୀତିହୀନ ରାଜନେତାମାନେ ମୁଖ୍ୟତଃ ଦାୟୀ। ଦେଶର ବୃହତ୍ତର ସ୍ୱାର୍ଥ ଦାୟୀ। ଦେଶ ଆଉ ଦଶର ମଙ୍ଗଳ ସକାଶେ ଜନତା ଏଭଳି ଭ୍ରଷ୍ଟ ନେତାମାନଙ୍କୁ ପ୍ରତ୍ୟାଖ୍ୟାନ କରିବା ଆବଶ୍ୟକ।

# ମହାଶକ୍ତି ଓ ନବଦୁର୍ଗା

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଯା' ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ' ଶକ୍ତି ଉପାସକଙ୍କ ଦୃଷ୍ଟିରେ ମହାଶକ୍ତି ହେଉଛନ୍ତି ପରବ୍ରହ୍ମ ପରମାତ୍ମା । ସେ ସୃଜନ କରନ୍ତି, ପାଳନ କରନ୍ତି, ସଂହାର କରନ୍ତି । ସେ ଆଦ୍ୟା ମହାଶକ୍ତି । ତାଙ୍କର ସ୍ୱରୂପ ବିବିଧ । ସେ ନବଦୁର୍ଗା, ଦଶ ମହାବିଦ୍ୟା, ଅନ୍ନପୂର୍ଣ୍ଣା, କାତ୍ୟାୟନୀ, ଲଳିତାମ୍ବା, ଗାୟତ୍ରୀ, ଭୁବନେଶ୍ୱରୀ, କାଳୀ, ତାରା, ବଗଳା । ସେ ସଂହାର ପାଇଁ ମହାକାଳୀ, ବିଦ୍ୟା ଦାନ ପାଇଁ ସରସ୍ୱତୀ, ଧନ ପାଇଁ ମହାଲକ୍ଷ୍ମୀ । ମାର୍କଣ୍ଡେୟ ପୁରାଣରେ ଭଗବତୀଙ୍କୁ ଏହି ରୂପେ ସ୍ତୁତି କରାଯାଇଛି । ଦେବୀଙ୍କ ଭେଦ ହେଉଛି ସବୁ ବିଦ୍ୟା । ସଂସାରରେ ଯେତିକି ନାରୀ ଅଛନ୍ତି ସେମାନେ ଦେବୀଙ୍କ ରୂପ । ସମସ୍ତ ସଂସାରରେ ବ୍ୟାପ୍ତ ହେଉଛି ଗୋଟିଏ ତତ୍ତ୍ୱ, ସେହି ତତ୍ତ୍ୱ ହେଉଛି ଦେବୀ ତତ୍ତ୍ୱ ବା ଶକ୍ତି ତତ୍ତ୍ୱ । ନବରାତ୍ରିରେ ତିଥି ଅନୁସାରେ ମା ଦୁର୍ଗାଙ୍କ ନବ ରୂପର ପୂଜା ଅର୍ଚ୍ଚନା କରାଯାଏ । ଏହି ନବ ରୂପ ହେଉଛି ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଓ ସିଦ୍ଧିଦାତ୍ରୀ । ନବରାତ୍ରି ଅବସରରେ ପୂଜା ପାଉଥିବା ନଅ ଦେବୀ ନବଦୁର୍ଗା ଭାବେ ଖ୍ୟାତ । ଦେବୀ ମାହାତ୍ମ୍ୟ ଏବଂ ଦୁର୍ଗା ସପ୍ତସତୀରେ ସେମାନଙ୍କ କଥା ବର୍ଣ୍ଣିତ । ସେମାନେ ସମସ୍ତେ ଶକ୍ତିଙ୍କ ଭିନ୍ନ ଭିନ୍ନ ଅବତାର । ସେମାନେ ହେଲେ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦ ମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଏବଂ ସିଦ୍ଧିଦାୟିନୀ । ନବରାତ୍ରିର ପ୍ରଥମ ଦିନରେ ପୂଜା ପାଆନ୍ତି ଶୈଳପୁତ୍ରୀ । 'ଶୈଳ' ଅର୍ଥ ପାହାଡ଼ ଏବଂ 'ପୁତ୍ରୀ' ଅର୍ଥ କନ୍ୟା । ସେ ପାର୍ବତୀ ବା ହେମବତୀ ଭାବେ ମଧ୍ୟ ପରିଚିତ । ଶୈଳପୁତ୍ରୀ ହେଉଛନ୍ତି ଶକ୍ତିଙ୍କ ପ୍ରଥମ ଅବତାର । ଦ୍ୱିତୀୟ ଦିନରେ ପୂଜା ପାଆନ୍ତି ମା' ବ୍ରହ୍ମଚାରିଣୀ । ତାଙ୍କର ଅନ୍ୟ ନାମଗୁଡ଼ିକ ହେଲା - ଉମା, ଅର୍ପର୍ଣ୍ଣା ଏବଂ ତପଶ୍ଚାରିଣୀ । ବ୍ରହ୍ମଚାରିଣୀ ଅର୍ଥ ଚରମ ସତ୍ତାର ସାନିଧ୍ୟ ପାଇବା ଲାଗି ଯିଏ ସଦା ତପସ୍ୟାରତ । ତୃତୀୟ ଦିବସରେ ଆରାଧନା କରାଯାଏ ମା' ଚନ୍ଦ୍ରଘଣ୍ଟାଙ୍କୁ । ମଥାରେ ଅର୍ଦ୍ଧଚନ୍ଦ୍ରଙ୍କୁ ଧାରଣ କରୁଥିବା ହେତୁ ସେ ହେଲେ ଚନ୍ଦ୍ରଘଣ୍ଟା । ଚତୁର୍ଥ ଦିବସରେ ଆବାହନ କରାଯାଏ ମା' କୁଷ୍ମାଣ୍ଡାଙ୍କୁ । ସେ ଅଷ୍ଟଭୂଜା; ପୁଣି ସୃଷ୍ଟିକର୍ତ୍ତ୍ରୀ ସମଗ୍ର ବିଶ୍ୱ-ବ୍ରହ୍ମାଣ୍ଡର । ପଞ୍ଚମ ଦିବସରେ ପୂଜା ପାଆନ୍ତି ସ୍କନ୍ଦ ମାତା । ସେ ଦେବତାଙ୍କ ସେନାମୁଖ୍ୟ କାର୍ତ୍ତିକେୟ ବା ମୁରୁଗ ବା ସୁବ୍ରମଣ୍ୟ ବା ସ୍କନ୍ଦଙ୍କ ମାତା । ତାଙ୍କୁ ପଦ୍ମାସନା ମଧ୍ୟ କୁହାଯାଏ । ଷଷ୍ଠ ଦିବସରେ ପୂଜା ପାଆନ୍ତି ମାତା କାତ୍ୟାୟନୀ । କାତ୍ୟମୁନିଙ୍କ କନ୍ୟା ଭାବେ ଜାତ ହୋଇଥିବାରୁ ସେ କାତ୍ୟାୟନୀ । ସପ୍ତମ ଦିନରେ ଆସନ୍ତି ମା' କାଳରାତ୍ରି । ତାଙ୍କୁ ମଧ୍ୟ କୁହାଯାଏ ଶୁଭଙ୍କରୀ । ସେ ଯାବତୀୟ ଅଜ୍ଞାନତା ଏବଂ ଅନ୍ଧକାରର ଧ୍ୱଂସକର୍ତ୍ତ୍ରୀ । ଅଷ୍ଟମ ଦିବସରେ ଆରାଧନା କରାଯାଏ ମା' ମହାଗୌରୀଙ୍କୁ । ମହାଗୌରୀ ଅର୍ଥ ଯେ



ବିଜୁଳି ପରି ଉଜ୍ଜ୍ୱଳ । ନବମ ଦିବସରେ ପୂଜା ପାଆନ୍ତି ମା' ସିଦ୍ଧିଦାୟିନୀ । ସେ ଜ୍ଞାନଦାତ୍ରୀ । ବ୍ରହ୍ମଙ୍କୁ ଅନୁଭବ କରିବା ନିମନ୍ତେ ସେ ଦିବ୍ୟଜ୍ଞାନ ପ୍ରଦାନ କରିଥାନ୍ତି ।

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମା'ଦୁର୍ଗାଙ୍କୁ କେବେହେଲେ ମାଟିର ପ୍ରତିମା ହିସାବରେ ଦେଖୁନାହାଁନ୍ତି। ପ୍ରତିମାରେ ଯାହାଙ୍କୁ ପୂଜା ହେଉଛି ସେ ହେଉଛନ୍ତି ପ୍ରତି ଘରେ ଘରେ ଦେହଧାରୀ ମା'। ନିଜ ମା'ଙ୍କ ଉପରେ ଭକ୍ତି ଓ ଭଲ ପାଇବା ଯେତେ ଜୀବନ୍ତ, ଦୁର୍ଗାପୂଜାର ସାର୍ଥକତା ତାଙ୍କ ପାଖରେ ସେତେ ବେଶୀ। ତାଙ୍କ ଅର୍ଥରେ ଭଗବତୀ ପୂଜା କରିବା ଅର୍ଥ ନିଜ ମା'ଙ୍କୁ ହିଁ ଉପାସନା କରିବା। ମା' କେବଳ ପୂଜାର ବେଦୀରେ ଦଶଭୁଜା ପ୍ରତିମା ନୁହଁନ୍ତି, ଘରେ ଘରେ ଜୀବନ୍ତ ଦ୍ୱିଭୁଜା ଜନନୀ। ଘରର ମା' ଓ ଜଗତର ମା'ଙ୍କର ଏକ ରୂପ। ଦଶଭୁଜା ଅର୍ଥ ହେଉଛି ଦୁଇ ହାତରେ ମା' ଦଶହାତର କାମ କରନ୍ତି। ମା'ଙ୍କର ଦଶହାତରେ ତ୍ରିଶୂଳ, ପାଶ, ପରଶୁ ଓ ଧନୁର୍ବାଣ ଇତ୍ୟାଦି ଦଶ ପ୍ରକାର ଅସ୍ତ୍ର ରହିଛି। ତେଣୁ ମା'ହେଉଛନ୍ତି ଦଶପ୍ରହର ଧାରିଣୀ। ଏହି ଅସ୍ତ୍ର ହେଉଛି ମାତୃ ଐଶ୍ୱର୍ଯ୍ୟର ବିଭିନ୍ନ ଶକ୍ତି ଯାହାଦ୍ୱାରା ମା' ଅସତ୍ ବା ଅସୁରଶକ୍ତିକୁ ପରାଭୂତ ଓ ପ୍ରତିହତ କରନ୍ତି ସ୍ୱୀୟ ସନ୍ତାନକୁ ରକ୍ଷା କରିବା ପାଇଁ। ମା'ଦୁର୍ଗତି ନାଶିନୀ ହୋଇ ଦଶପ୍ରହରଣ ଧାରଣ କରି ସନ୍ତାନ ସଂରକ୍ଷଣରେ ନିୟୋଜିତା। ଠାକୁର ଅନୁକୂଳଚନ୍ଦ୍ର ବିଜୟା ଉପଲକ୍ଷେ ପ୍ରଦତ୍ତ ବାଣୀରେ କହିଛନ୍ତି - ଏହି ମା'ମୋର ଐଶ୍ୱର୍ଯ୍ୟଶାଳିନୀ, ଦଶପ୍ରହରଣୀ ଯାହାଙ୍କ ପାଖରେ ଅଚ୍ୟୁତ ଆନତି ହିଁ ମୋର ଦୁର୍ଗ, ସେହି ଆନତି ଭିତର ଦେଇ ଯେତେବେଳେ ମା'ଙ୍କ ଚରଣରେ ମୁଁ ଆନତ ହୁଏ ସତଃସମ୍ବିତ ଓ ସକ୍ରିୟତାରେ ସେତେବେଳେ ମା'ମୋର ଦୁର୍ଗତିନାଶିନୀ ଦୁର୍ଗା। ମା'ସିଂହବାହିନୀ। ମହାପରାକ୍ରମୀ ପଶୁରାଜର ପୃଷ୍ଠରେ ମା'ଙ୍କର ଚରଣ ନ୍ୟସ୍ତ, ତାର ଅର୍ଥ ପଶୁଭାବର ଉପରେ ମାତୃଭାବର ପ୍ରତିଷ୍ଠା। ମା'ଦୁର୍ଗାଙ୍କ ଧ୍ୟାନମନ୍ତ୍ରରେ ମଧ୍ୟ ଅଛି ତାଙ୍କର ଅଷ୍ଟଶକ୍ତିର କଥା - ଉଗ୍ରଚଣ୍ଡା, ପ୍ରଚଣ୍ଡା, ଚଣ୍ଡୋଗ୍ରା, ଚଣ୍ଡନାୟିକା, ଚଣ୍ଡା, ଚଣ୍ଡବତୀ, ଚଣ୍ଡରୂପା ଓ ଅତି ଚଣ୍ଡିକା। ମା'ହେଉଛନ୍ତି ଶିବଙ୍କ ଘରଣୀ - ଶିବାନୀ ଅର୍ଥାତ୍ ମଙ୍ଗଳବିଧାୟିନୀ। ମା'ସବୁ ସନ୍ତାନଙ୍କର ମଙ୍ଗଳ କାମନା କରନ୍ତି। ସମସ୍ତଙ୍କୁ କୋଳରେ ଧରନ୍ତି। ତେଣୁ ତାଙ୍କର ଅନ୍ୟ ନାମ ଜଗଦ୍ଧାତ୍ରୀ। ଦୁନିଆର ସବୁକିଛି ଓ ସମସ୍ତଙ୍କୁ ନେଇ ମା'ହେଉଛନ୍ତି ମହାମାୟା, ବିଶ୍ୱପ୍ରସବିନୀ ଓ ବିଶ୍ୱ ପରିବ୍ୟାପ୍ତା। ତାଙ୍କର ସ୍ତୁତିରେ ତାଙ୍କୁ କ୍ଷମାରୂପେ, ନିଦ୍ରା ରୂପେ, କ୍ଷୁଧାରୂପେ, ତୃଷ୍ଣାରୂପେ, ଶକ୍ତିରୂପେ, ଲଜ୍ଜାରୂପେ, ଶାନ୍ତିରୂପେ ଓ ଶ୍ରଦ୍ଧାରୂପେ ପୂଜା କରାଯାଏ। ପରମା ପ୍ରକୃତି ସେ। ପ୍ରକୃଷ୍ଟ ଭାବେ ଯାହା କରା ହୋଇଅଛି ତାହା ହିଁ ପ୍ରକୃତି। ମା'ଦୁର୍ଗା ଅନେକ ନାମରେ ପରିଚିତା। ତାଙ୍କର ପ୍ରତି ଗୁଣ ଓ ବୈଶିଷ୍ଟ୍ୟର ଏକ ଏକ ନାମ ହୋଇଛି। ଯଥା ନାରାୟଣୀ, ଭଦ୍ରକାଳୀ, ହୈମବତୀ, ଈଶ୍ୱରୀ, ବୈଷ୍ଣବୀ ଓ ମାହେଶ୍ୱରୀ ପ୍ରଭୃତି। ପୁରୁଷୋତ୍ତମ ଶ୍ରୀକୃଷ୍ଣ ଭଗବତ୍ ଗୀତାରେ ଉଲ୍ଲେଖ କଲେ - ଏହି ଯେଉଁ ମାୟା ଦେଖୁଛ, ମାୟାର ଯେଉଁ ଖେଳା ଦେଖୁଛ, ଏହି ମାୟାର ଅଧୀଶ କିନ୍ତୁ ମୁଁ। କୃଷ୍ଣ (ଈଶ୍ୱର) ସ୍ୱୀୟ ମାୟା ଶକ୍ତି ଦ୍ୱାରା ଜଗତ ପରିମାପିତ କରନ୍ତି। ମାୟା ମଧ୍ୟ ପ୍ରକୃତି। ଏହି ପ୍ରକୃତି ହେଉଛନ୍ତି ମା'ଦୁର୍ଗା। ଅନେକ ସ୍ଥାନରେ ଦୁର୍ଗାପୂଜାରେ ବଳିଦାନ କରାହୁଏ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ବିସର୍ଜନ ଶବ୍ଦଟି ବି ଓ ସୃଜ୍ ଧାତୁରୁ ଉତ୍ପନ୍ନ, ଅର୍ଥ ବିଶେଷ ପ୍ରକାରେ ସୃଷ୍ଟି କରିବା। ଯେଉଁ ମାତୃପୂଜା ଆମ୍ଭେମାନେ କଲୁ, ସେହି ମା'ଙ୍କର ସର୍ବମଙ୍ଗଳ କାରିଣୀ ସ୍ନେହ ସୁନ୍ଦର ଭାବ ଓ ଚରିତ୍ରକୁ ନିଜ ଅନ୍ତରରେ ବିଶେଷ ଭାବରେ ସୃଷ୍ଟି ଅର୍ଥାତ୍ ଦୃଢ଼ ନିବଦ୍ଧ କରି ଉଠାଇବା ହିଁ ପ୍ରକୃତ ବିସର୍ଜନ। ଆମ୍ଭେମାନେ ଯେଉଁଳି ଦିବ୍ୟ ଭାବରେ ଭାବିତ ହୋଇଉଠି ଓ ମା'ଙ୍କର ସେବାରେ ଆତ୍ମମାନଙ୍କର ବୃତ୍ତିଗୁଡ଼ିକୁ ନିୟୋଜିତ କରୁ - ସେତେବେଳେ ହୁଏ ବିସର୍ଜନର ସାର୍ଥକତା। ପ୍ରତିମାକୁ ଆଉ ବେଶୀ ଦିନ ରଖିହୁଏ ନାହିଁ। ତେଣୁ ନଦୀରେ ନିରଞ୍ଜନ ହେବାର ବ୍ୟବସ୍ଥା କରାଯାଏ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଭାବ ନାହିଁ, ମା'ଙ୍କୁ ବିଜୟା ଦଶମୀରେ ବିସର୍ଜନ ଦେଇଛ, ବରଂ ଭାବ, ଏହି ଦଶଭୁଜା, ଦଶପ୍ରହରଣ ଧାରିଣୀ, ଅସୁରଦଳନୀ ମା' ତୁମ ଠାରେ ଉଦ୍ବୃଜିତ ହୋଇ ଜୀବନ୍ତ ଦୀପ୍ତିରେ ତୁମ ଜୀବନରେ ଜୀବନ୍ତ ହୋଇଉଠିଛନ୍ତି। ବିଜୟା ମା'ଙ୍କର ବିଲୟ ନୁହେଁ, ବିସର୍ଜନମାନେ ହେଉଛି ବିଶେଷ ବିସୃଷ୍ଟି।

# ଦୁର୍ଗାପୂଜା ଛୁଟି

**ବାଦଲ ଭୂୟାଁ**

ନବରାତ୍ରି ଅବସରରେ ପୂଜା ପାଉଥିବା ନଅ ଦେବୀ ନବଦୁର୍ଗା ଭାବେ ଖ୍ୟାତ । ଦେବୀ ମାହାତ୍ମ୍ୟ ଏବଂ ଦୁର୍ଗା ସପ୍ତସତୀରେ ସେମାନଙ୍କର କଥା ବର୍ଣ୍ଣିତ । ନବଦୁର୍ଗା ହେଉଛନ୍ତି ଶକ୍ତିଙ୍କ ଭିନ୍ନ ଭିନ୍ନ ଅବତାର । ସେମାନେ ହେଲେ - ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମଣ୍ଡା, ସ୍କନ୍ଦ ମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଏବଂ ସିଦ୍ଧିଦାୟିନୀ । ନବରାତ୍ରିର ପ୍ରଥମ ଦିନରେ ପୂଜା ପାଆନ୍ତା ମାତା ଶୈଳପୁତ୍ରୀ । 'ଶୈଳ' ଅର୍ଥ ପାହାଡ଼ ଓ 'ପୁତ୍ରୀ' ଅର୍ଥ କନ୍ୟା । ସେ ପାର୍ବତୀ ବା ହେମବତୀ ଭାବେ ମଧ୍ୟ ପରିଚିତ । ଦକ୍ଷକନ୍ୟା ସତୀ ପ୍ରଥମ ପୁନର୍ଜନ୍ମ ନେଇଥିଲେ ଶୈଳପୁତ୍ରୀ ଭାବେ । ଦ୍ୱିତୀୟ ପୁନର୍ଜନ୍ମ ନେଇଥିଲେ ହିମାଳୟପୁତ୍ରୀ ପାର୍ବତୀ ରୂପେ ଏବଂ ବିବାହ କରିଥିଲେ ମହାଦେବଙ୍କୁ । ଶୈଳପୁତ୍ରୀ ହେଉଛନ୍ତି ଶକ୍ତିଙ୍କ ପ୍ରଥମ ଅବତାର । ଦ୍ୱିତୀୟ ଦିନରେ ପୂଜା ପାଆନ୍ତି ମା'ବ୍ରହ୍ମଚାରିଣୀ । ତାଙ୍କର ଅନ୍ୟ ନାମଗୁଡ଼ିକ ହେଲା ଉମା, ଅପର୍ଣ୍ଣା ଏବଂ ତପଶ୍ଚାରିଣୀ । ବ୍ରାହ୍ମଚାରିଣୀ ଅର୍ଥ ଚରମ ସତ୍ତାର ସାନ୍ନିଧ୍ୟ ପାଇବା ଲାଗି ସେ ସଦା ତପସ୍ୟାରତ । ତୃତୀୟ ଦିନରେ ଆରାଧନା କରାଯାଏ ମା'ଚନ୍ଦ୍ରଘଣ୍ଟାଙ୍କୁ । ମଥାରେ ଅର୍ଦ୍ଧଚନ୍ଦ୍ରଙ୍କୁ ଧାରଣ କରିଥିବାରୁ ସେ ହେଲେ ଚନ୍ଦ୍ରଘଣ୍ଟା। ଚତୁର୍ଥ ଦିନରେ ଆବାହନ କରାଯାଏ ମା'କୁଷ୍ମଣ୍ଡାଙ୍କୁ । ସେ ଅଷ୍ଟଭୁଜା ଏବଂ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତ୍ରୀ । ନିଜ ହସ ଦ୍ୱାରା ସେ ଦୂର କରିଥିଲେ ଅନ୍ତହୀନ ଅନ୍ଧକାରକୁ ଏବଂ ଯାହା ଦ୍ୱାରା ସୃଷ୍ଟି ପର୍ବ ଆରମ୍ଭ ହୋଇଥିଲା । ପଞ୍ଚମ ଦିନରେ ପୂଜା ପାଆନ୍ତି ସ୍କନ୍ଦ ମାତା । ସେ ଦେବତାଙ୍କ ସେନାମୁଖ୍ୟ କାର୍ତ୍ତିକେୟ ବା ମୁରୁଗ ବା ସ୍କନ୍ଦଙ୍କ ମାତା । ସେ ହେଉଛନ୍ତି ସକଳ ମାତୃତ୍ୱର ପରିପ୍ରକାଶ ଏବଂ ସ୍ନେହଶୀଳ କ୍ଷମାମୟୀ । ଷଷ୍ଠ ଦିବସରେ ପୂଜା ପାଆନ୍ତି ମା'କାତ୍ୟାୟାନୀ । କାତ୍ୟ ମୁନିଙ୍କ କନ୍ୟା ଭାବେ ଜାତ ହୋଇଥିବାରୁ ସେ କାତ୍ୟାୟନୀ । ସେ ଦୁର୍ଗାଙ୍କର କନ୍ୟା ସ୍ୱରୂପ । ସ୍ନେହ ଶ୍ରଦ୍ଧାର ପ୍ରତୀକ ।

ପୁଣିଥରେ ଦୁର୍ଗାପୂଜା ଛୁଟି। ସକାଳେ ସଞ୍ଜରେ ଶୀତ ଋତୁର ମିଠା ମଠା ଅନୁଭବ। ଗଙ୍ଗଶିଉଳି, ହେନା ଆଦି ଫୁଲର ମହକରେ ଚୌହଦି ବାସ୍ନାମୟ। ମା'ଆସୁଛନ୍ତି ବୋଲି ବିଲ, ବଣ, ପାହାଡ଼, କନ୍ଦର କାଶତଣ୍ଡୀ ଚମକରେ ସବୁ ମନ ପ୍ରାଣ ତମଳ ଚକିତ। ଏଇ ସମୟରେ ବର୍ଷା ଦିନର ଗୋଳିପାଣି ସବୁ ନଈ, ନାଳ, ଯେର... କରମଳ ସବୁଠାରେ ନିର୍ମଳ, ସଜଳ, ଚାରିଆଡ଼େ ଶରତର ସାମ୍ରାଜ୍ୟ। ପଦ୍ମ, କଇଁ, ପୋଖରୀ ଗାଡ଼ିଆରେ ଫୁଟି ମଣିଷର ମନ ମସ୍ତିଷ୍କରେ ପୁଲକ ଭରା ଆନନ୍ଦ ଭରିଦେଲେଣି।

ସ୍କୁଲ, କଲେଜ ବନ୍ଦ। ହଷ୍ଟେଲରେ ରହୁଥିବା ପିଲାମାନେ ସବୁ ଘର ଫେରନ୍ତା। ପ୍ରତି ଗାଁ, ସହରରେ ମାଆଙ୍କର ମୃଣ୍ମୟ ମୂର୍ତ୍ତିର ଗଢ଼ା କାର୍ଯ୍ୟରେ ନିମଗ୍ନ ଶିଳ୍ପୀ। ସେ ସବୁ ଦୃଶ୍ୟ ମାନଙ୍କୁ ଅବଲୋକନରେ ବିତେ କେତେ ରାତି, କେତେ ଦିନ। ସ୍କୁଲ ହଷ୍ଟେଲର କବାଟ ଝରକା ବନ୍ଦ ଥିଲେ ବି ଦକ୍ଷିଣା ପବନର ମାଡ଼ରେ କିଛି କିଛି କବାଟ, ଝରକା ବାଡ଼େଇ ହୋଇ ସୃଷ୍ଟି କରନ୍ତି ଦୁଲଦାଲ ଶବ୍ଦ। ଗର୍ଭଣା ସଂକ୍ରାନ୍ତିଠୁ ଧାନ ବିଲରେ ଆଁସ ଲଗା ଦାଡ଼ର ଲହରାୟିତ ତାଣ୍ଡବ। ଏ ବର୍ଷ ଚଷା ପୁଅର ଢ଼ୋଲି ଓ ବସ୍ତାରେ ଭରିଯିବ ପାଚିଲା ଧାନର କୁଢ଼ କୁଢ଼ ସମଗ୍ର।

ଦୂରଦୂରାନ୍ତରୁ ଫେରିବେ ଗାଁର ମୁରବି ଶ୍ରେଣୀୟ ବୟସ୍କଙ୍କଠୁ ଭେଣ୍ଡିଆ ଯୁବକ ଯୁବତୀ। ଗାଁରେ ମୁଖରିତ ହେବ ଗୀତ, ଗଜଲରେ। ଦୁର୍ଗାଙ୍କ ପାଖରେ ଲେଖନ ବସା, ଖଣ୍ଡାପୂଜା ଓ କଳସ ସ୍ଥାପନ ସହ ଆରମ୍ଭ ହେବ ମାତୃଶକ୍ତିଙ୍କ ବନ୍ଦନା, ଆରାଧାନା, କିଏ ଫଳମୂଳ, ଅନ୍ନଖାଦ୍ୟ, ଶସ୍ୟ, ଛଡ଼ା, ପାଳିଲାଣି ମାଙ୍କ ବ୍ରତ ଉପାସନା, ଏପରି ଆରମ୍ଭ ହୁଏ ଗାଁର ପୂଜା ପାର୍ବଣର ପରିବେଶ। ଫି ବର୍ଷ ଏପରି ଆସନ୍ତି ଗାଁର ସାଇ ପଡ଼ିଶା। ଏପରି ସମୟରେ ଗାଁ ମଶାଣି ଅରଖ ଦୁଦୁରା ମୂଳେ ଯେମିତି ଶୁଭିଯାଏ ବାପା ବୋଉ ଦାଦାଙ୍କର ଟୁପଟାପ ଗୀତ ପରି କଥାର ପସରା। ଏଇ ସମୟରେ ଲାଗେ ଯେମିତି ପୃଥିବୀ ପୃଷ୍ଠକୁ ଅବତାରୀ ଆସିଛନ୍ତି ଦୁର୍ଗାଙ୍କ ସହିତ ପିତୃ ପୁରୁଷ। ଯୁଆଡ଼େ ଆଖି ବୁଲିଗଲେ ସବୁଆଡ଼େ ଶାଗୁଆ ଗଛର ଘଞ୍ଚ ଦୃଶ୍ୟପଟ୍ଟ। ଦୂର ଦିଗବଳୟ ଯେପରି ଡାକୁଥାଏ, କୋଳକୁ ଆ, କୋଳକୁ ଆ, ବୋଉ ମରି ପ୍ରତିଟି ନିୟତ, କୁହୁଡ଼ିଘେରା ପାଖ ପରିଦୃଶ୍ୟ। ଘର ପାଖ ଗଙ୍ଗଶିଉଳି, ହେନା, ତରାଟ, ମନ୍ଦାର ଗଛର ପତ୍ରରୁ ଝରି ପଡୁଛି କାକର ଟୋପାର ଟୁପ ଟାପ ମନୋରମ ଶବ୍ଦ।

ଚକ୍ଷୁଦାନ ପୂର୍ବର ଦୁର୍ଗାମୂର୍ତ୍ତି ଗଢ଼ା ବେଳର ଦୃଶ୍ୟ ଯୁବ ସୁଲଭ ମନ ମଗଜରେ ଲଗାଏ ଆଶାର ଅନଳ। ସେଇ ଆଶା ପ୍ରତ୍ୟାଶା ଭିତରେ ସବୁ ବର୍ଷ ମନ ମଗଜ ଏହିପରି ରଙ୍ଗୀନ ହୋ ପୁଣି ଧୂଳି ଧୂମହତ ହୋଇଯାଏ। ପଞ୍ଚୁରଙ୍ଗୀ କାଗଜ, କଦଳୀଗଛ, ଦେବଦାରୁ ଗଛ ଓ ଆମ୍ବ ପତ୍ର ସହିତ ଘର ଅଗଣାରୁ ଘାସ ଚଂଛା ହୋଇ ପରିଷ୍କାର ରଖିବାର ପରମ୍ପରା କାହିଁ କେତେ କାଳରୁ।

ମଣ୍ଡା ଓ ଗେଣ୍ଡୁ ଫୁଲର ପ୍ରାବଲ୍ୟତା ଭିତରେ ମା'ଆସନ୍ତି। ଆସେ ପିଲାଦିନ, ପୁରୁଣା ସ୍ମୃତି, ସ୍ମୃତିର ଆର୍ସିରେ ଯକ ଯକ ଦିଶୁଥିବା ଅପାଶୋରା ଦିନ ସବୁ। ଆଜିର ସବୁଥିବା ଜୀବନରେ ଲାଗେ ସେ ବିଗତ ଦିନର ଧୂଳିମାଟିର ନାନାବନ୍ଧ, ଜୁଳୁଜୁଳିଆ ପୋକ, ଝିଙ୍କାରୀର ଡାକ, ଝିଣ୍ଟିକା, ତେଲୁରି ପୋକ, ଝଡ଼ିପୋକ, ସାଧବ ବୋହୂଙ୍କ ଶାଗୁଆ ଘାସରେ ଧୀରେ ଧୀରେ ଚାଲିବାର ଦୃଶ୍ୟ ସବୁ ମୋ ଗାଁରେ ପୂଜା ଛୁଟିରେ ଅନୁଭବ କରିବାକୁ ମିଳେ। ଅନେକ ସୁବିଧାଠୁ ଯୋଜନ ଦୂରରେ ଏବେ ଥିବା ଆମ ଗାଁ, ଆପଣଙ୍କ ଗାଁ କି ଅହତେ ଆନନ୍ଦ ପ୍ରଦାୟିନୀ ଗାଁ ତାର ପ୍ରାଣ ପ୍ରାଚୁର୍ଯ୍ୟ ଭରା ପବନର ରାହା ମତେ ସବୁବେଳେ ସବୁ ସମୟରେ ସ୍ମୃତି ହୋଇ ମୋ ପାଖରେ ରହିଥାଏ ସାଇତା।

# ଆଜ୍ଞାନୁବର୍ତ୍ତିତା

**ଅନୀତା ପଟ୍ଟନାୟକ**

ଏମାର ଅଫିସରେ ଜଣେ ଖ୍ରୀଷ୍ଟିଆନ ବନ୍ଧୁ ଥିଲେ। ତାଙ୍କର ନାମ ଥିଲା ଜନ। ଜନ ଅଫିସରେ କର୍ମଚାରୀ ମାନଙ୍କୁ ସବୁବେଳେ ଆଜ୍ଞାନୁବର୍ତ୍ତୀ ହେବାକୁ ଶିକ୍ଷା ଦେଉଥିଲେ। ମୁଁ ତାଙ୍କୁ ପଚାରିଲି ତୁମେ ଆଜ୍ଞାନୁବର୍ତ୍ତୀତାକୁ କାହିଁକି ଏତେ ଗୁରୁତ୍ୱ ଦେଉଛ ? ସେ କହିଲେ ଆଜ୍ଞାନୁବର୍ତ୍ତିତା ଧର୍ମର ଏକ ଉପମୂଲ୍ୟବୋଧ। ଅବଜ୍ଞାରୁ ଏ ମାନବ ସମାଜର ସୃଷ୍ଟି। ଏତେ ଦୁଃଖ ଯନ୍ତ୍ରଣାର ଆରମ୍ଭ। ମୁଁ ତାଙ୍କ କଥା କିଛି ବୁଝି ପାରିଲି ନାହିଁ। ମୁଁ ପଚାରିଲି ତୁମେ ଏପରି କାହିଁକି କହୁଛ ? ସେ କହିଲେ ଆଦାମ ଓ ଇଭଙ୍କୁ ଭଗବାନ ଏକ ନିଷିଦ୍ଧ ଫଳ ଖାଇବାକୁ ମନା କରିଥିଲେ। ସେମାନେ ଆଜ୍ଞାନୁବର୍ତ୍ତିତା କ'ଣ ବୁଝି ପାରିନଥିଲେ। ତାପରେ ଯାହା ହେଲା ଯାହା ହେଉଛି ତାହା ତୁମ ଆଗରେ ଅଛି।

ମୁଁ କହିଲି ସନାତନ ଧର୍ମରେ ଭଗବାନଙ୍କୁ ଚିହ୍ନିବା ପାଇଁ ଭଗବାନ ପ୍ରତ୍ୟେକ ମଣିଷକୁ ଦୁଇଟି ଆଖି ଦେଇଛନ୍ତି ସେ ଦୁଇଟି ଆଖି ହେଉଛି ଧର୍ମ ଓ ଜ୍ଞାନ। ଜନ ପଚାରିଲେ ଧର୍ମ କ'ଣ ? ମୁଁ କହିଲି ସତ୍ୟ ଯେତେବେଳେ କର୍ମରେ ପରିଣତ ହୁଏ ତାହାକୁ ସଦାଚାର ବା ଧର୍ମ କୁହାଯାଏ। ସର୍ବଦା ସତ୍‌କର୍ମ କରିବା ପାଇଁ ଓ ମନୁଷ୍ୟର ଇଚ୍ଛାଶକ୍ତିକୁ ଶୃଙ୍ଖଳିତ କରିବା ପାଇଁ ଚେଷ୍ଟା କରିବା ଉଚିତ। ପ୍ରେମପୂର୍ଣ୍ଣ କାର୍ଯ୍ୟ ହିଁ ଧର୍ମ। ଧର୍ମ ମାର୍ଗ ଆମକୁ ବ୍ରହ୍ମମାର୍ଗକୁ ନେଇଯାଇଥାଏ। ଆଦାମ ଓ ଇଭ ଯଦି ଭଗବାନଙ୍କର କଥା ଅବମାନନା କରିନଥାନ୍ତେ, ଆଜ୍ଞାନୁବର୍ତ୍ତୀ ହୋଇଥାନ୍ତେ ଧର୍ମ ଓ ଜ୍ଞାନର ଚକ୍ଷୁକୁ ବ୍ୟବହାର କରିଥାନ୍ତେ ତେବେ ସେମାନେ ବ୍ରହ୍ମଜ୍ଞାନୀ ହୋଇପାରିଥାନ୍ତେ।

ଜନ୍ ମତେ ବୁଝାଇବାକୁ ଯାଇ କହିଲେ, ଏଇ ଆଦାମ ଓ ଇଭଙ୍କର ଅବୈଧ ମିଳନ ଫଳରେ ଧର୍ମ ଓ ଅଧର୍ମର ସନ୍ତାନମାନେ ଜନ୍ମ ହୋଇ ପଡ଼ିଛନ୍ତି। ଅଧର୍ମ ମିଥ୍ୟାକୁ ବିବାହ କରିବାକୁ ଲାଗିଲା ସେମାନଙ୍କର କନ୍ୟା ଅହଂକାର ଓ ପୁତ୍ର ମୋହ ଜନ୍ମ ହେଲେ। ସେମାନଙ୍କର ଅପବିତ୍ର ମିଳନ ଫଳରେ ପୁତ୍ର ଲୋଭ ଓ କନ୍ୟା କାମନା ଜନ୍ମ ନେଲେ। ମୁଁ ଜନ୍‌କୁ ବୁଝାଇବାକୁ ଯାଇ କହିଲି, ଏଇ ଧର୍ମ ଓ ଅଧର୍ମର ମାର୍ଗକୁ ବୁଝାଇବା ପାଇଁ ଭଗବାନ ବା ପରମପିତାଙ୍କୁ ବାରମ୍ବାର ପୃଥିବୀକୁ ଆସିବାକୁ ପଡୁଛି। ଜନ୍ ପଚାରିଲେ ତୁମେ ଅଧର୍ମ କହିଲେ କ'ଣ ବୁଝ ? ମୁଁ ତାଙ୍କୁ ବୁଝାଇବାକୁ ଯାଇ କହିଲି 'ପ୍ରବୃତ୍ତି ସର୍ବସ୍ୱ ଜୀବନ ହିଁ ଅଧର୍ମ' ଓ 'ଆତ୍ମ ସର୍ବସ୍ୱ ଜୀବନ ହେଉଛି ଧର୍ମ'। ଅବତାର ପୁରୁଷମାନେ ଜନ୍ମ ନେଇ ଧର୍ମର ସଂସ୍ଥାପନ କରନ୍ତି। ଆମ ଧର୍ମରେ ସତ୍ୟ ଆତ୍ମାକୁ ବିବାହ କରେ। ସେମାନଙ୍କର ସନ୍ତାନ ସନ୍ତତି ଜନ୍ମ ହୁଅନ୍ତି।

ଏକଥା ଶୁଣି ଜନ୍‌ଙ୍କର ଆଗ୍ରହ ବଢ଼ିଗଲା। ସେ କହିଲେ ସତ୍ୟ ଓ ଧର୍ମର ମିଳନ ଫଳରେ କେଉଁ କେଉଁ ସନ୍ତାନ ଜନ୍ମ ହେଲେ ? ମୁଁ କହିଲି ସେମାନଙ୍କ ସନ୍ତାନମାନେ ହେଲେ 'ଶ୍ରଦ୍ଧା', 'ଦୟା', 'ସନ୍ତୁଷ୍ଟି', 'ବୃଦ୍ଧି', 'ଲଜ୍ଜା', 'ତୁଷ୍ଟି', 'ଶାନ୍ତି', 'ଗୌରବ ଓ ମୁକ୍ତି'। ଜନ୍ କହିଲା ତୁମେ ଠିକ କହିଛ। ବର୍ତ୍ତମାନ ଆମକୁ ବିଚାର କରିବାକୁ ହେବ ଆମେ କେଉଁ ବଂଶର ଅର୍ନ୍ତଭୁକ୍ତ ? ଧର୍ମ ନା ଅଧର୍ମ। ମୁଁ କହିଲି ବର୍ତ୍ତମାନ ୯୦ଭାଗ ଲୋକ ଅଧର୍ମ ମାର୍ଗର ଅନ୍ତର୍ଭୁକ୍ତ। ଧର୍ମକୁ କେବଳ ବାକ୍ୟରେ ସୀମିତ ରଖିଛନ୍ତି। ମନୁଷ୍ୟ ସଦାଚାରର ପ୍ରତିମୂର୍ତ୍ତି ହୋଇଥିଲେ ମଧ୍ୟ ସେ ଧାର୍ମିକ ଜୀବନ ଯାପନ ଓ ଦେବତ୍ୱ ସହିତ ସଂପର୍କ ରଖିଥାଏ। ବିଶ୍ୱାସ, ସତ୍ୟ ଓ ଧର୍ମ ନୀତିରେ ଅନୁରକ୍ତ ହୋଇପାରୁନାହିଁ। ଏହିପରି ଲୋକମାନଙ୍କର ବୋଝରେ ପୃଥିବୀ ଭାରାକ୍ରାନ୍ତ ହୋଇଛି। ସେ ଧନ ସଞ୍ଚୟ କରିବା ଅପେକ୍ଷା ଭଗବାନଙ୍କର କରୁଣା ଉପାର୍ଜନ କରିପାରି ନାହିଁ।

ମୁଁ ମୋର ଅଫିସର ଲୋକମାନଙ୍କୁ ଆଜ୍ଞାନୁବର୍ତ୍ତିତା ହେବା ପାଇଁ ଯେତେ କହିଲେ ମଧ୍ୟ ସେମାନେ ଶୁଣୁ ନାହାଁନ୍ତି। ଜନ୍ କହିଲେ ବନ୍ଧୁ ମୋର ଗୀର୍ଜାକୁ ଯିବାର ସମୟ ହେଲାଣି। ମୁଁ କହିଲି ମୋର ମଧ୍ୟ ମନ୍ଦିରକୁ ଯାଇ ପ୍ରାର୍ଥନା କରିବାର ସମୟ ହେଲାଣି ଚାଲ ବିଦାୟ।

# ମାତୃଶକ୍ତି

**ଇଂ.ସଚ୍ଚିଦାନନ୍ଦ ନନ୍ଦ**

ଭାରତରେ ବିଭିନ୍ନ ଅବସରରେ ମାତୃପୂଜା କରାଯାଇଥାଏ । ଦୂର୍ଗା, ଲକ୍ଷ୍ମୀ, ସରସ୍ୱତୀ, ଭୁବନେଶ୍ୱରୀ, କାଳୀ, ଜଗଦ୍ଧାତ୍ରୀ, ଅମ୍ବିକା, ଗାୟତ୍ରୀ, ପାର୍ବତୀ ପ୍ରଭୃତି ନାମରେ ବହୁ ଆଡ଼ମ୍ବରରେ ପୂଜା ଆରାଧନା କରାଯାଉଛି । ସେଭଳି କେତେକ ଈଶ୍ୱରକୋଟୀ ମହିଳା, ଯଥା ରାଧା ସାବିତ୍ରୀ, ସତୀସୀତା, ଦ୍ରୌପଦୀ, କୁନ୍ତୀ, ଦମୟନ୍ତୀ, ମନ୍ଦୋଦରୀ ପ୍ରଭୃତିଙ୍କୁ ମଧ୍ୟ ପୂଜା ଓ ସମ୍ମାନ ଅର୍ପଣ କରାଯାଇଥାଏ । ଅନ୍ୟ କେତେକ ତପସ୍ୱନୀ ଯଥା ଅନସୂୟା, ମଦାଳସା, ମୈତ୍ରେୟୀ, କାତ୍ୟାୟନୀ, ଅରୁନ୍ଧତୀ ପ୍ରଭୃତି ବହୁ ଶ୍ରଦ୍ଧାଳୁଙ୍କ ହୃଦୟରେ ସ୍ଥାନ ପାତି ବସିଛନ୍ତି । କେତେକ ପୀଠରେ ଅଧିଶ୍ୱରୀ ଭାବେ ଭଗବତୀ, ବୈଷ୍ଣୋଦେବୀ, ବିମଳା, ତାରିଣୀ, ଚଣ୍ଡୀ, ଚର୍ଚ୍ଚିକା, ସମଲେଶ୍ୱରୀ, ମଙ୍ଗଳା ବିରଜା, ଦକ୍ଷିଣକାଳୀ, ଶ୍ୟାମାକାଳୀ, ଭବତାରିଣୀ ମାଆ ପ୍ରଭୃତି ସ୍ୱମହିମାରେ ମହିମାନ୍ୱିତ ହୋଇ ପ୍ରତ୍ୟହ ପୂଜା ପାଇ ଆସୁଛନ୍ତି । ପ୍ରଚଳିତ ସମୟରେ ଶ୍ରୀମା, ଆନନ୍ଦମୟୀ ମା', ଅମୃତମୟୀ ଦେବୀ, ଆମ୍ମା ଭଗବାନ, ରାସେଶ୍ୱରୀଦେବୀ, ଋତମ୍ଭରାଦେବୀ, ଡଃ ନିରୁମା ପ୍ରଭୃତି କୋଟି କୋଟି ଶ୍ରଦ୍ଧାଳୁଙ୍କ ପୂଜ୍ୟା ହୋଇପାରିଛନ୍ତି । ତାଙ୍କ ପ୍ରଦର୍ଶିତ ମାର୍ଗରେ ପରିଚାଳିତ ହୋଇ କୋଟି କୋଟି ହୃଦୟ ପରିବର୍ତ୍ତନ ଘଟିଛି ଓ ଘଟୁଛି ମଧ୍ୟ । ଅତୀତର ଲୀଳାବତୀ ଓ ଖନ୍ନା ଏବେ ମଧ୍ୟ ନମସ୍ୟ । ସମସ୍ତ ଆଧ୍ୟାତ୍ମିକ ପଥପ୍ରଦର୍ଶକମାନେ ସମାନ ସ୍ୱରରେ ସେହି ଏକ କଥା କହି ଆସିଛନ୍ତି ଯେ ଭଗବାନ ଭଗବତୀ କେବଳ ତାଙ୍କ ବିଗ୍ରହ ବା ମୂର୍ତ୍ତିରେ ନାହାନ୍ତି ସେ ପ୍ରତ୍ୟେକଙ୍କ ହୃଦୟରେ ବିଦ୍ୟମାନ ଥାଆନ୍ତି । ପ୍ରତ୍ୟେକଟି ଶିଶୁ ଜନ୍ମ ହେଲାବେଳେ ସେହି ଦିବ୍ୟ ସତ୍ତାକୁ ନିଜ ଭିତରେ ଧରି ଜନ୍ମ ହୋଇଥାଏ । ଗୀତାରେ ମଧ୍ୟ କୁହାଯାଇଛି ଯେ ଭଗବାନ ତାଙ୍କ ଅଂଶ ଆତ୍ମା ରୂପେ ସମସ୍ତ ଜୀବଙ୍କ ଠାରେ ବିଦ୍ୟମାନ ।

ଶାସ୍ତ୍ରଗୁଡ଼ିକ ମଧ୍ୟ ସମାନ ଭାବେ କହି ଆସୁଛନ୍ତି ଯେ ମାତୃଦେବୋ ଭବ । ଯଦିଓ ମାତାପିତା ଉଭୟ ଦେବତା ସମାନ ତାଙ୍କ ମଧ୍ୟରୁ ମାତାଙ୍କ ସ୍ଥାନ ପିତାଙ୍କ ପୂର୍ବରୁ । ଏଥିରେ ତିଳେ ହେଲେ ଭୁଲ ନାହିଁ । ଐଶ୍ୱରୀୟ କ୍ଷେତ୍ରରେ ମଧ୍ୟ ସୀତାରାମ, ରାଧାକୃଷ୍ଣ, ଉମାଶଙ୍କର, ଲକ୍ଷ୍ମୀ ନାରାୟଣ, ଗିରିଜା ଶଙ୍କର, ଭବାନୀ ଶଙ୍କର ଇତ୍ୟାଦି ମାତାଙ୍କୁ ଭଗବାନଙ୍କ ପୂର୍ବରୁ ଆବାହନ କରାଯାଇଛି । ପୁରାଣ ଉପାଖ୍ୟାନ ମାନଙ୍କରେ ମଧ୍ୟ ବର୍ଣ୍ଣିତ ଅଛି, ସୀତାଙ୍କୁ ହରାଇ ଶ୍ରୀରାମ କି ମର୍ମ ବେଦନା ନପାଇଲେ, ଲକ୍ଷ୍ମୀଙ୍କୁ ହରାଇ ଜଗନ୍ନାଥ ଓ ବଳଭଦ୍ର କି ଦୁରାବସ୍ଥାରେ ନ ପଡ଼ିଲେ, ସତୀଙ୍କୁ ହରାଇ ଶିବ ପାଗଳ ପ୍ରାୟ ସଂସାର ସାରା ଘୁରି ବୁଲିଥିଲେ । ଆମ ସାମାଜିକ ଜୀବନରେ ମଧ୍ୟ ଅନୁରୂପ ଅବସ୍ଥା । ଘରଣୀ ବିନା ଗୃହସ୍ଥ ମୁହୂର୍ତ୍ତେ ଚଳି ପାରନ୍ତା ନାହିଁ, ପିଲାମାନଙ୍କ ଯତ୍ନ ନେଇ ପାରନ୍ତା ନାହିଁ, ଧନ ଉପାର୍ଜନ କରାଯାଇପାରେ କିନ୍ତୁ ତାର ଉପଯୁକ୍ତ ବ୍ୟବହାର ହୋଇ ପାରନ୍ତା ନାହିଁ । କୁହାଯାଇଛି 'ଗୃହିଣୀ ଗୃହମୃତ୍ୟତେ', ଘର କହିଲେ ଗୃହିଣୀ ହିଁ ପ୍ରଥମେ ଆସିବେ । ଦେଖାଯାଉଛି, ଘରକୁ ବୋହୂଟିଏ ଆସିଗଲାପରେ, ବହୁ ବର୍ଷ ପୂର୍ବରୁ ଯେଉଁମାନଙ୍କ ସହ ସମ୍ପର୍କ ତିକ୍ତ ହୋଇଯାଇଥିଲା, ସେଥିରେ ମଧୁରତା ଧିରେ ଧିରେ ଫେରୁଛି ଏବଂ ବନ୍ଧୁତା ଦୃଢ଼ତର ହେଉଛି । କେଉଁଠି କେଉଁଠି କାଁ ଭାଁ ଏହାର ବ୍ୟତିକ୍ରମ ଥାଇପାରେ କିନ୍ତୁ ତାହା ଏକ ନୀତି ଭାବେ ଗଣ୍ୟ ହୁଏନାହିଁ ।

ବର୍ତ୍ତମାନ ସମାଜରେ ଦେଖାଯାଉଛି ଲୋକମାନେ ମୂର୍ତ୍ତି ମାଆକୁ ପୂଜୁଛନ୍ତି କିନ୍ତୁ ନିଜ ମାଆକୁ ହେଳା କରୁଛନ୍ତି । ମନ୍ଦିରରେ ମୂର୍ତ୍ତି ମାଆକୁ ଭୋଗରାଗ ଚଢ଼ାଉଛନ୍ତି, ଘରର ବୋହୂମାନେ କେବଳ ଉପଭୋଗର ପାତ୍ରୀ ହୋଇ ରହିଯାଉଛନ୍ତି । ସାଙ୍ଗସାଥୀ, ସହପାଠୀ ମାନଙ୍କ ସହ ସମ୍ପର୍କ ସିନେମା ପ୍ରଭାବରେ କର୍ଦ୍ଦମାକ୍ତ । ସଂସ୍କୃତିରେ ଏ ଘୋର ଅବକ୍ଷୟର କାରଣ ସମସ୍ତଙ୍କୁ ଅଳ୍ପେ ବହୁତେ ଜଣା । ବର୍ତ୍ତମାନର ଆବଶ୍ୟକତା, ଏହାର ନିରାକରଣ । ସାମାଜିକ ଚରିତ୍ରର ଏ ଘୋର ଅଧୋପତନ ଆମ ସମାଜ ପ୍ରତି ମହା ବିପଦର ସୂଚନା । ସମାଜରେ ଥିବା ଜ୍ଞାନୀ ଗୁଣୀ, ସାତ୍ତ୍ୱିକଭାବ ସମ୍ପନ୍ନ ବ୍ୟକ୍ତି, ଆଧ୍ୟାତ୍ମିକ ଜୀବନ ଯାପନ କରୁଥିବା ବ୍ୟକ୍ତି ଧର୍ମଭାବାପନ୍ନ ବ୍ୟକ୍ତି ମାନଙ୍କ ପ୍ରଭାବ କିଛି କାମ ନ ଦେଲା ପରି ଜଣାଯାଉଛି । କେହି କାହାକୁ କର୍ଣ୍ଣପାତ କରୁନାହାନ୍ତି । ଗୁରୁ ସଦ୍‌ଗୁରୁ ମାନଙ୍କ ପ୍ରବଚନ ପାଇଁ କେତେ କେତେ ଚ୍ୟାନେଲ ଟିଭିରେ ପ୍ରସାର ନ କରୁଛନ୍ତି ଏବଂ ସେଠାରେ କି ଲୋକ ସମାଗମ ନ ହେଉଛନ୍ତି ? କିନ୍ତୁ କାହାରି ଉପରେ କିଛି ପ୍ରଭାବ ପଡୁନାହିଁ । ଯଦି ପଡୁଛି ତେବେ ଅସାମାଜିକ ପଦକ୍ଷେପ, ବିଶେଷକରି ମହିଳାମାନଙ୍କ ପ୍ରତି ଦିନକୁ ଦିନ ବଢ଼ିବାରେ ଲାଗୁଛି କିପରି ? ଅପକର୍ମର ଦଣ୍ଡ ବିଧାନ କରାଯାଇ ମଧ୍ୟ ତାହାକୁ ନିୟନ୍ତ୍ରଣ କରାଯାଇ ପାରୁନି । ଶେଷକୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି କହିଲେ, କେବଳ ଭଗବାନ ଏ ଦେଶକୁ ରକ୍ଷା କଲେ କରିବେ ସିନା । ଅନ୍ୟ ଜଣେ ବିଚାରପତି କହିଲେ ଦେଶର ପିଲାମାନେ ବାଲ୍ୟକାଳରୁ ଭାଗବତ୍ ଓ ଗୀତା ପ୍ରଭୃତି ପାଠ କଲେ ସୁଫଳ ମିଳିବ । ଏ କଥା ବହୁ ପୂର୍ବରୁ ଭାରତର ଉଚ୍ଚଶିକ୍ଷିତ ଧାର୍ମିକ ପଣ୍ଡିତ ତଥା ସାମାଜସଂସ୍କାରକ ଗଣ ଉପଦେଶ ଦେଇଥିଲେ । ତାହା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରି ନାହିଁ । ହୋଇଥିଲେ ନିଶ୍ଚିତ ଭାବେ ସୁଫଳ ମିଳିଥାନ୍ତା । ଏ କ୍ଷେତ୍ରରେ ମାତୃଜାତି ହାତରେ ହିଁ ସମାଧାନ । ମାତୃଜାତି ଯେତେବେଳେ ଜାଗ୍ରତ ହେବ ସେତେବେଳେ ଯାଇ ସୁଫଳ ମିଳିବ । ଦ୍ରୌପଦୀ ତାତି ନଥିଲେ ମହାଭାରତ ଯୁଦ୍ଧର ପରିଣାମ ଭିନ୍ନ ହୋଇଥାନ୍ତା । ଦମୟନ୍ତୀ ଅଗ୍ନିଶର୍ମା ନ ହୋଇଥିଲେ ଅରଣ୍ୟର ସେ ଆସୁରିକ ଲୋକଗୁଡ଼ିକ ଧ୍ୱଂସ ହୋଇନଥାନ୍ତେ । ଦେବୀ ସତ୍ୟଭାମା ସେଭଳି ତୀବ୍ରପ୍ରତିକ୍ରିୟା ଦେଖାଇ ନଥିଲେ ନରକାସୁର ନିପାତ ହୋଇନଥାନ୍ତା ।

ସମ୍ବାଦପତ୍ର ମାନଙ୍କରେ ବାହାରୁଛି ମହିଳାମାନେ ଏକତ୍ର ହୋଇ ଗାଁରୁ ମଦଭାଟି ଉଠାଇ ଦେଇପାରୁଛନ୍ତି । ଥାନା ଘେରାଉ କରି ନ୍ୟାୟ ହାସଲ କରିପାରୁଛନ୍ତି । ଦୂର୍ଗା ଗୋଟିଏ ମିଳିତ ଶକ୍ତିର ପ୍ରତୀକ । ମାତୃଜାତିର ମିଳିତ ହୋବାର ସମୟ ଆସି ପହଞ୍ଚି ଗଲାଣି । ତାଙ୍କ ପଶ୍ଚାତ୍ ଭାଗରେ ପୁରୁଷମାନଙ୍କର ସମର୍ଥନ ମଧ୍ୟ ଥିବା ଆବଶ୍ୟକ । ଯଦି ପୋଥି ପୁରାଣର ଉପଦେଶ ସତ୍ତ୍ୱେ ମହିଳାମାନଙ୍କୁ ସମ୍ମାନ ମିଳି ନପାରିଲା ତାହେଲେ ସେମାନେ କ'ଣ ଚିରଦିନ ପୀଡ଼ିତ ଦଳିତ ହୋଇ ରହିଥିବେ ? ଦିନେ ନା ଦିନେ ସେମାନଙ୍କୁ ଦୂର୍ଗା, କାଳୀ, ବଗଳାମୁଖୀ, ଉଗ୍ରତାରା ସାଜି ବାହାରେ ତଥା ଭିତରେ ଥିବା ଶୁମ୍ଭ, ନିଶୁମ୍ଭ, ରକ୍ତବୀର୍ଯ୍ୟ ଓ ମହିଷାସୁର ମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବାକୁ ପଡ଼ିବ । ସର୍ବପ୍ରଥମେ ନିଜ ସନ୍ତାନ ମାନଙ୍କୁ ସତ୍ ଉପାୟରେ ଅର୍ଜିତ ଭାତ ଖୁଆଇବାକୁ ପଡ଼ିବ । ଅନ୍ୟପକ୍ଷରେ ମାତୃଜାତିକୁ ମର୍ଯ୍ୟାଦା ଦେଇ କିଏ କେଉଁଭଳି ଉପକୃତ ହୋଇଛି ସେଗୁଡ଼ିକର ଦୃଷ୍ଟାନ୍ତ ମଧ୍ୟ ସମାଜକୁ ସୁଉଚ୍ଚ ଆଦର୍ଶ ଶିକ୍ଷା ଦେଇପାରିବ । ସେଗୁଡ଼ିକର ପ୍ରକାଶନ ନିତାନ୍ତ ଆବଶ୍ୟକ । ମାତୃଜାତି ନିଜର ଦୈବୀ ଗୁଣର ପରାକାଷ୍ଠା ପ୍ରତିପାଦିତ କରି ନିଜର ଜନ୍ମଗତ ଅଧିକାର, ପାରିବାରିକ ସମ୍ମାନ, ସାମାଜିକ ସମ୍ମାନ ହାସଲ କରିବାରେ ଯତ୍ନବାନ ହେବା ଦରକାର । ସେମାନେ ତାଙ୍କ ପଦମର୍ଯ୍ୟାଦା କ୍ଷୁର୍ଣ୍ଣ ହେବାକୁ ଆଦୌ ସହ୍ୟ କରିବା ଉଚିତ ନୁହେଁ । ଆଜି ସମୟ ଆସିଛି ବରଂ ବିଳମ୍ବ ହୋଇଗଲାଣି - ମହିଳା, ପୁରୁଷ ଉଭୟେ ଦେବୀ ମାଆଙ୍କୁ ଗଭୀର ନିଷ୍ଠାର ସହ ପ୍ରାର୍ଥନା କରନ୍ତୁ ଯେପରି ଆମ ଦ୍ୱାରା କୌଣସି ମାଆଙ୍କୁ କୌଣସି ପ୍ରକାର ଆଘାତ ନ ଲାଗୁ । ଏହି ପରିପ୍ରେକ୍ଷୀରେ ଏହା ହିଁ ହୋଇପାରେ ସର୍ବଶ୍ରେଷ୍ଠ ଦେବୀ ପୂଜା । ଏହି ଅହିଂସା ଠାରୁ ବଡ଼ ଧର୍ମ ଆଉ କ'ଣ ହୋଇପାରେ ? ଶାସ୍ତ୍ରଉକ୍ତି - ''ନାରୀ ଯେଉଁଠାରେ ପୂଜା ପାଏ ସେଠାରେ ସମସ୍ତ ଦେବଦେବୀ ବିଦ୍ୟମାନ ଥାଆନ୍ତି ଏବଂ ତାରି ମାଧ୍ୟମରେ ସର୍ବ ଦେବଦେବୀ ପୂଜା ପାଇଥାଆନ୍ତି ।''

# ହଠାତ୍ ଉଠିପଡ଼ିବା ପରେ ମୁଣ୍ଡ ବୁଲାଇ ଅନ୍ଧାର ଦେଖାଯାଉଛି କି ?



*କେବେ ବସିଥିବା ସ୍ଥାନରୁ ହଠାତ୍ ଉଠିପଡ଼ିବା ବେଳେ ମୁଣ୍ଡ ଘୁରାଇ ଦେଇ ଅନ୍ଧାରିଆ ଦେଖାଯିବାର ଅନୁଭବ କରିଛନ୍ତି କି ? ଯଦି ହଁ, ତେବେ ଏ ରିପୋର୍ଟ ଆବଶ୍ୟକୀୟ ହୋଇପାରେ । କାରଣ ବର୍ତ୍ତମାନ ସମୟରେ ପ୍ରାୟ ଲୋକ ଏପରି ସଙ୍କେତ ଅନୁଭବ କରୁଛନ୍ତି । ତେବେ ଏହାର କାରଣ କଣ ହୋଇପାରେ, କାହିଁକି ବସିବା ସ୍ଥାନରୁ ହଠାତ୍ ଉଠିପଡ଼ିବା ପରେ ଚଉଦିଗ ଅନ୍ଧାର ଦେଖାଯାଏ ଏବଂ ଏହାର ଚିକିତ୍ସା କିପରି କରିବେ, ଜାଣନ୍ତୁ...*

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଏହି ଅବସ୍ଥାକୁ ଅର୍ଥୋଷ୍ଟାଟିକ୍ ହାଇପୋଟେନ୍ସନ୍ କୁହାଯାଏ । ଏହାର ଅନେକ କାରଣ ଥାଇପାରେ, ସେଥିମଧ୍ୟରୁ...

**ଡିହାଇଡ୍ରେସନ**

ଡାକ୍ତରଙ୍କ କହିବା ଅନୁସାରେ, ରକ୍ତଚାପ ବା ବ୍ଲଡ୍ ପ୍ରେସରେ ଦ୍ରୁତଗତିରେ ହ୍ରାସ ପାଇଲେ ଅର୍ଥୋଷ୍ଟାଟିକ୍ ହାଇପୋଟେନ୍ସନ୍ ହୁଏ, ଅର୍ଥାତ୍ ବସିଥିବା ସ୍ଥାନରୁ ହଠାତ୍ ଉଠିପଡ଼ିଲେ ମୁଣ୍ଡ ବୁଲାଇଦିଏ କିମ୍ବା ଅନ୍ଧାରିଆ ଦେଖାଯାଏ । ଏହାର ସବୁଠୁ ମୁଖ୍ୟ କାରଣ ହେଉଛି, ଶରୀରରେ ଜଳୀୟଅଂଶର ଅଭାବ । ଡିହାଇଡ୍ରେସନ କାରଣରୁ ଏହା ହୋଇଥାଏ ।

**ଔଷଧର ପାର୍ଶ୍ୱ ପ୍ରତିକ୍ରିୟା**

କେତେକ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଫଳରେ ଏପରି ସଙ୍କେତ ଦେଖା ଦେଇପାରେ । ବିଶେଷକରି, ଡାଇୟୁରେଟିକ୍ସ ଏବଂ ଆଣ୍ଟିହାଇପର୍ଟେନ୍ସିଭ୍ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ସ୍ୱରୂପ ରକ୍ତଚାପ ନିୟନ୍ତ୍ରିତ ହୁଏ ନାହିଁ । ଫଳେ ହଠାତ୍ ଠିଆ ହେବା ସମୟରେ ମୁଣ୍ଡ ବୁଲାଇପାରେ ।

**ହୃଦରୋଗ**

ଯେକୌଣସି ଲୁକ୍କାୟିତ ହୃଦୟ ସମ୍ବନ୍ଧୀୟ ସମସ୍ୟା ଠିଆ ହେବା ସମୟରେ ମୁଣ୍ଡ ବୁଲାଇବା ପରି ଲକ୍ଷଣ ଦେଖାଇପାରେ । ହାର୍ଟ ଭଲଭ୍ ଏବଂ ବ୍ରୋଡିକାର୍ଡିଆ କାରଣରୁ ହାର୍ଟ ବ୍ଲଡ୍ ପମ୍ପ କରିପାରେ ନାହିଁ । ଏହି କାରଣରୁ, ମସ୍ତିଷ୍କରେ ଅମ୍ଳଜାନର ଅଭାବ ରହିଥାଏ । ମସ୍ତିଷ୍କକୁ ଅମ୍ଳଜାନ ପହଞ୍ଚି ନପାରିଏ ମୁଣ୍ଡ ବୁଲାଇବା ଏବଂ ଅନ୍ଧାରିଆ ଦେଖାଯିବା ପରି ଲକ୍ଷଣ ଅନୁଭୂତ ହୁଏ ।

ସ୍ନାୟୁ ପ୍ରଣାଳୀ ସମ୍ବନ୍ଧୀୟ ରୋଗ

ବେଳେବେଳେ, ସ୍ନାୟୁ ପ୍ରଣାଳୀ ସହିତ ଜଡିତ ବ୍ୟାଘାତ କାରଣରୁ ପାର୍କିନ୍ସନ୍ ରୋଗ ଦେଖାଯିବା ସହ ରକ୍ତଚାପ ନିୟନ୍ତ୍ରିତ ହୁଏ ନାହିଁ । ଏହି କାରଣରୁ, ହଠାତ୍ ଠିଆ ହେବା ସମୟରେ ମୁଣ୍ଡ ବୁଲାଇପାରେ ।

**ରକ୍ତହୀନତା**

ରକ୍ତହୀନତା ହେଉଛି ଏକ ଅବସ୍ଥା, ଯେଉଁଥିରେ ଲୋହିତ ରକ୍ତ କଣିକା କମିଯାଏ । ଏହି କାରଣରୁ ଖୁବ୍ କମ୍ ଅମ୍ଳଜାନ ମସ୍ତିଷ୍କରେ ପହଞ୍ଚେ । ଫଳରେ ମୁଣ୍ଡ ବୁଲାଇପାରେ ।

**ବୃଦ୍ଧାବସ୍ଥା**

ବୃଦ୍ଧାବସ୍ଥା କାରଣରୁ କିମ୍ବା କିଛି ରୋଗ ଥିଲେ ଦୀର୍ଘ ସମୟ ଶଯ୍ୟାରେ ଶୋଇରହିବା ଫଳରେ ରକ୍ତଚାପ ନିୟନ୍ତ୍ରିତ ହୋଇନଥାଏ । ଫଳରେ ଏପରି ଲକ୍ଷଣ ଦେଖା ଯାଇପାରେ ।

**ଅନ୍ୟାନ୍ୟ କାରଣ-**

ଗର୍ଭଧାରଣ ।
ସଂକ୍ରମଣ ।
ଭିତର କାନ ସମସ୍ୟା ।

ଏହାକୁ କିପରି ରୋକାଯାଇପାରିବ

ପର୍ଯ୍ୟାପ୍ତ ପରିମାଣର ପାଣି ପିଅନ୍ତୁ ।
ଧୀରେ ଧୀରେ ଠିଆ ହେବାକୁ ଚେଷ୍ଟା କରନ୍ତୁ ।
କିଛି ସେକେଣ୍ଡ ପାଇଁ ଗୋଡକୁ ସାମାନ୍ୟ ଆଗକୁ କରିବା ପରେ ଠିଆ ହୁଅନ୍ତୁ ।
ନିୟମିତ ବ୍ୟାୟାମ କରନ୍ତୁ ।
ସର୍ବଦା ସୁସ୍ଥ ଖାଦ୍ୟ ଖାଆନ୍ତୁ ।
ଯଦି ନିୟମିତ ଭାବେ ମୁଣ୍ଡ ବୁଲାଇବାର ଲକ୍ଷଣ ଦେଖୁଛନ୍ତି, ତେବେ ତୁରନ୍ତ ଡାକ୍ତରଙ୍କୁ ଜଣାନ୍ତୁ ।

# ଏହି ସବୁ ରୋଗ ଥିଲେ ପିଅନ୍ତୁ ନାହିଁ ଅଧିକ ନଡ଼ିଆ ପାଣି



ନଡ଼ିଆ ପାଣି ସ୍ୱାସ୍ଥ୍ୟ ପାଇଁ ହିତକାର ହୋଇଥାଏ । ଏଥିରେ ବହୁ ଔଷଧୀୟ ଗୁଣ ରହିଛି । ଏଥିପାଇଁ ଅନେକ ଲୋକ ନଡ଼ିଆ ପାଣି ପିଇବାକୁ ଭଲ ପାଇଥାନ୍ତି । ହେଲେ କିଛି ନିର୍ଦ୍ଦି ଷ୍ଟ ରୋଗରେ ପୀଡିତ ଲୋକଙ୍କୁ ଅଧିକ ନଡ଼ିଆ ପିଇବାକୁ ଡାକ୍ତର ବାରଣ କରିଥାନ୍ତି । କାହିଁକିନା ଅଧିକ ନଡ଼ିଆ ପାଣି ପିଇବା ଦ୍ୱାରା ସେମାନଙ୍କ ପାଇଁ କ୍ଷତିକାରକ ହୋଇଥାଏ । ତେବେ ଆସନ୍ତୁ ଜାଣିବା ଅଧିକ ନଡ଼ିଆ ପାଣି ପିଇବା କେଉଁ ମାନଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ । ସ୍ୱାସ୍ଥ୍ୟବିଶେଷଜ୍ଞଙ୍କ କହିବା ଅନୁସାରେ, ନଡ଼ିଆ ପାଣିରେ ପୋଟାସିୟମ ଅଧିକ ରହିଥାଏ । ଯଦି ଜଣେ ବ୍ୟକ୍ତି ଆବଶ୍ୟକରୁ ଅଧିକ ନଡ଼ିଆ ପାଣି ପିଇଥାଏ, ତାହାହେଲେ ଶରୀରରେ ଥିବା ଇଲେକ୍ଟ୍ରୋଲାଇଟ୍ସ ସନ୍ତୁଳନ ବିଗିଡ଼ି ଯାଇପାରେ । ଏଥିସହ ଯଦି ଜଣେ ମଧୁମେହ ରୋଗୀ ଅଧିକ ପରିମାଣରେ ନଡ଼ିଆ ପାଣି ପିଇଥାଏ, ତାହାହେଲେ ତାର ବ୍ଲଡ୍ ସୁଗାର ଲେବୁଲ ବଢ଼ିଯିବାର ସମ୍ଭାବନା ରହିଛି । ଅତ୍ୟଧିକ ନଡ଼ିଆ ପାଣି ପିଇବା ଦ୍ୱାରା କିଡନୀ ଉପରେ ପ୍ରଭାବ ପକାଇଥାଏ । କିଡନୀ ଫଙ୍କସନ୍ ? ଉପରେ ଖରାପ ପ୍ରଭାବ ପକାଇଥାଏ ।

ନଡ଼ିଆ ପାଣି ଉଚ୍ଚ ରକ୍ତ ଚାପ କମ୍ କରିଥାଏ । ଏଥିପାଇଁ ଡାକ୍ତର ପିଇବାକୁ ପରାମର୍ଶ ଦେଇଥାନ୍ତି । ହେଲେ ଯେଉଁ ବ୍ୟକ୍ତିଙ୍କର ଲୋ' ବ୍ଲଡ୍ ପ୍ରେସର ଥିବ, ସେମାନେ ଅତ୍ୟଧିକ ନଡ଼ିଆ ପିଇବା ଦ୍ୱାରା ସେମାନଙ୍କ ପାଇଁ ହାନିକାର ସ୍ୟାବସ୍ତ ହୋଇଥାଏ । ଏଥିପାଇଁ ଲୋ' ବ୍ଲଡ୍ ପ୍ରେସର ଥିବା ବ୍ୟକ୍ତିମାନେ ଅତ୍ୟଧିକ ନଡ଼ିଆ ପାଣି ଉଚିତ ନୁହେଁ । ନଡ଼ିଆ ପାଣି ପିଇବା ଦ୍ୱାରା ଶରୀର ଅନ୍ତନଳୀ ଉପରେ ଖରାପ ପ୍ରଭାବ ପକାଇପାରେ । ଯଦି ଆପଣ ପେଟ ଯନ୍ତ୍ରଣା ଭଳି ସମସ୍ୟା ଥିବ ତାହାହେଲେ ଅତ୍ୟଧିକ ନଡ଼ିଆ ପାଣି ପିଅନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସ୍ୟାବସ୍ତ ହେବ ।

# ଅଣ୍ଟାବିନ୍ଧା କମାଇବ ମାର୍ଜାରୀ ଆସନ



*ଅଣ୍ଟାବିନ୍ଧାକୁ ନେଇ ଆପଣ ଚିନ୍ତାରେ ? ବ୍ୟସ୍ତ ହୁଅନ୍ତୁ ନାହିଁ । ସାମାନ୍ୟ ଧୈର୍ଯ୍ୟର ସହ ମାର୍ଜାରୀ ଆସନ କରନ୍ତୁ ଦେଖିବେ ଆରାମ ମିଳିବ । ଏହି ଆସନ ମେରୁଦଣ୍ଡ ହାଡ଼ର ନମନୀୟତା ବଢାଇଥାଏ । ପିଠି ଯନ୍ତ୍ରଣା ଆଜିକାଲିର ସାଧାରଣ ସାସ୍ଥ୍ୟ ସମସ୍ୟା ହୋଇପଡିଲାଣି, ଯାହା ପ୍ରାୟ ଲୋକ ଅନୁଭବ କରୁଛନ୍ତି । ଯେଉଁମାନେ ସାଭାବିକ ଭାବେ ଶାରୀରିକ ପରିଶ୍ରମ କରୁଥାନ୍ତି, ସେମାନେ ବ୍ୟାୟାମ ନ କଲେ କୌଣସି ସମସ୍ୟା ଉପୁଜି ନଥାଏ । କିନ୍ତୁ ଯେଉଁମାନେ କମ୍ ?ଶାରିରୀକ ପରିଶ୍ରମ କରିଥାନ୍ତି, ସେମାନେ ନିୟମିତ ଯୋଗ କରିବା ଆବଶ୍ୟକ । ଯଦି ଆପଣଙ୍କର ଅଣ୍ଟାବିନ୍ଧା ହେଉଥାଏ, ତେବେ ମାର୍ଜାରୀ ଆସନ ବା କ୍ୟାଟ୍ କ୍ୟାମେଲ୍ ପୋଜ୍ କରିପାରିବେ ।*

ଏହାର ଫାଇଦା :

-ମେରୁଦଣ୍ଡ ହାଡ଼ର ଯନ୍ତ୍ରଣାକୁ କମ୍ କରିବା ବ୍ୟତୀତ ଏହି ଆସନ ମନକୁ ଶାନ୍ତ କରିବା ସହ ଚିନ୍ତାରୁ ମୁକ୍ତି ଦେଇଥାଏ ।
-ମାସିକ ଧର୍ମ ସମୟରେ ହେଉଥିବା ଯନ୍ତ୍ରଣାରୁ ବି ମୁକ୍ତି ଦେଇଥାଏ ।
-ବେକ, କାନ୍ଧ ଓ ମେରୁଦଣ୍ଡର ନମନୀୟତା ବଢାଇଥାଏ ।
-ପେଟ, ପିଠି, ଛାତି, ଫୁସଫୁସ୍ ? ଓ ଅଣ୍ଟା ପାଖରେ ଥିବା ମାଂସପେଶୀକୁ ସଂପ୍ରସାରିତ କରିଥାଏ ।
-ଟେଲବୋନ୍‌କୁ ସକ୍ରିୟ କରି ମେରୁଦଣ୍ଡ ହାଡ଼ ଉପରେ ଗୁରୁତ୍ୱ ଦେଇଥାଏ । ଯାହା ଦ୍ୱାରା ଆଗକୁ ଓ ପଛକୁ ନଇଁବା ସମୟରେ ନମନୀୟତା ଆସିଥାଏ ।

**ମାର୍ଜାରୀ ଆସନର ପ୍ରକ୍ରିୟା :**

-ଆଣ୍ଠୁ ମୋଡିକି ବସି ଯାଆନ୍ତୁ । ଧୀରେ ଧୀରେ ଦୁଇ ହାତକୁ ଭୂଇଁ ଉପରେ ରଖନ୍ତୁ ଏବଂ ପୁଣି ହାତକୁ ଆଗକୁ ସଂପ୍ରସାରଣ କରନ୍ତୁ । ଏଥିସହିତ ନିଜ ଚାରିପଟକୁ ବିଲେଇ ପରି ଦେଖିବାକୁ ପ୍ରୟାସ କରନ୍ତୁ ।
-ଆଣ୍ଠୁ ଓ ନିତମ୍ବର ଚଉଡା କରି ରଖନ୍ତୁ । ମୁଣ୍ଡକୁ ସିଧା ଅବସ୍ଥାରେ ରଖନ୍ତୁ ।
-ଥୋଡ଼ି ଓ ଛାତିକୁ ଉପରକୁ ଉଠାଇ ଛାତ ଆଡ଼କୁ ଦେଖନ୍ତୁ ।
-କାନ୍ଧକୁ ଚଉଡ଼ା କରି ବିଲେଇ ପୋଜ୍‌ରେ ରୁହନ୍ତୁ । ନିଶ୍ୱାସ ଛାଡିବା ସହ ଆଗକୁ ବଢନ୍ତୁ ।
-ପେଟକୁ ମେରୁଦଣ୍ଡ ଆଡକୁ ଟାଣନ୍ତୁ । ସେହିପରି ପିଠିକୁ ଛାତ ଆଡ଼କୁ ରଖି ଗୋଲ ଗୋଲ କରି ବୁଲାନ୍ତୁ ।
-ଏବେ ଇନ୍‌ହେଲ କରି ଗାଈ ପୋଜ୍‌କୁ ଫେରିଆସନ୍ତୁ । ପୁଣି କ୍ୟାଟ୍‌ପୋଜ୍‌କୁ ଫେରିବା ସମୟରେ ନିଶ୍ୱାସ ଛାଡନ୍ତୁ ।
-ଏହି ପ୍ରକ୍ରିୟାକୁ ୫ରୁ ୨୦ ଥର ଯାଏ ଦୋହରାନ୍ତୁ ।

**ଧ୍ୟାନ ଦିଅନ୍ତୁ :**

-ଏହି ଆସନର ଲାଭ ପାଇବା ପାଇଁ ହେଲେ ଠିକ୍ ? ଶୈଳୀ ଅନୁସରଣ କରିବା ବହୁତ ଜରୁରି ।
-ବ୍ୟକ୍ତିର ଆଣ୍ଠୁ ସିଧା ଭାବେ ନିତମ୍ବ ତଳେ ଓ ହାତ କାନ୍ଧ ତଳେ ରଖିବା ଦରକାର ।

# ଶରୀର ପାଇଁ ଅମୃତ ଉଷୁମ କ୍ଷୀର

ଉଷୁମ କ୍ଷୀର ପିଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ । ଆୟୁର୍ବେଦରେ ମଧ କ୍ଷୀରକୁ ସମ୍ପୂର୍ଣ୍ଣ ଆହାର ବୋଲି କୁହାଯାଇଛି । ଏଥିରେ ଥିବା କ୍ୟାଲସିୟମ, ପ୍ରୋଟିନ ଓ ଅନ୍ୟ ପୋଷକ ତତ୍ତ୍ୱ ଶରୀର ପାଇଁ ବେଶ ଉପକାରୀ । ଜାଣନ୍ତୁ ନିୟମିତ ଉଷୁମ କ୍ଷୀର ପିଇବା ଦ୍ୱାରା ଶରୀରକୁ କ'ଣ କ'ଣ ଲାଭ ମିଳିଥାଏ ।

**ଉତ୍ତମ ନିଦ ପାଇଁ-**

ଉଷୁମ କ୍ଷୀରରେ ଥିବା ପୋଷକ ତତ୍ତ୍ୱ ଉତ୍ତମ ନିଦରେ ସହାୟକ ହୋଇଥାଏ । ଉଷୁମ କ୍ଷୀର ପିଇବା ଦ୍ୱାରା ଶରୀରକୁ ଆରାମ ମିଳିଥାଏ । ଚିନ୍ତା ଦୂର ହୋଇଥାଏ । ଫଳରେ ଭଲ ନିଦ ହୋଇଥାଏ । ଏହା ମେଲାଟୋନିନ ଉତ୍ପାଦନକୁ ବଢାଇ ଦେଇଥାଏ । ଯାହା ନିଦ ପାଇଁ ଆବଶ୍ୟକ ହେଉଥିବା ହରମୋନ ।

**ହାଡ ମଜଭୁତ କରିଥାଏ-**

କ୍ଷୀର କ୍ୟାଲସିୟମର ସବୁଠାରୁ ଉତ୍ତମ ସ୍ରୋତ । ଏହା ହାଡ ଓ ଦାନ୍ତକୁ ମଜଭୁତ କରିବାରେ ସହାୟକ ହୋଇଥାଏ । ନିୟମିତ ଉଷୁମ କ୍ଷୀର ପିଇବା ଦ୍ୱାରା ହାଡ ଜନିତ ସମସ୍ୟା ଦୂର ହୋଇଥାଏ । ଉଷୁମ କ୍ଷୀର ପାଚନ ପାଇଁ ଲାଭଦାୟକ । ଏହା କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିଥାଏ । ପେଟ ଜନିତ ଅନେକ ସମସ୍ୟାକୁ ମଧ ଦୂର କରିଥାଏ । ପେଟର ଜଳାପୋଡାକୁ ମଧ ଦୂର କରିଥାଏ ।

**ଚିନ୍ତା ଦୂର କରିଥାଏ-**

ଉଷୁମ କ୍ଷୀର ପିଇବା ଦ୍ୱାରା ଶରୀରକୁ ଆରାମ ମିଳିଥାଏ । ଚିନ୍ତା ଦୂର ହୋଇଥାଏ । ମନକୁ ଖୁସି ମଧ କରିଥାଏ । ଉଷୁମ କ୍ଷୀର ପିଇବା ଦ୍ୱାରା ଓଜନ ହ୍ରାସ ହେବାରେ ସହାୟକ ହୋଇଥାଏ । କ୍ଷୀର ପିଇବା ଦ୍ୱାରା ଭୋକ କମ୍ ହୋଇଥାଏ । ଫଳରେ ବାରମ୍ବାର ଖାଦ୍ୟ ଖାଇବାକୁ ଇଚ୍ଛା ହୋଇନଥାଏ ।

**ତ୍ୱଚା ଓ ହୃଦୟ ପାଇଁ-**

କ୍ଷୀରରେ ଥିବା ଭିଟାମିନ ଓ ଖଣିଜ ତ୍ୱଚାକୁ ସୁସ୍ଥ ରଖିଥାଏ । କ୍ଷୀରରେ ଥିବା ପୋଟାସିୟମ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାକୁ ସହାୟକ ହୋଇଥାଏ ।

**କେଉଁ ସମୟରେ ପିଇବେ-**

ରାତିରେ ଶୋଇବା ପୂର୍ବରୁ ନିୟମିତ ଏକ ଗ୍ଲାସ ଉଷୁମ କ୍ଷୀର ପିଇବା ସବୁଠାରୁ ଲାଭଦାୟକ । ମାତ୍ର ଆବଶ୍ୟକତା ଠାରୁ ଅଧିକ କିମ୍ବା ଅଧିକ ପରିମାଣରେ ଉଷୁମ କ୍ଷୀରର ସେବନ କରନ୍ତୁ ନାହିଁ । ଉଷୁମ କ୍ଷୀର ପିଇବା ଦ୍ୱାରା ଶରୀରକୁ ଅନେକ ପୋଷକ ତତ୍ତ୍ୱ ମିଳିବା ସହ ଅନେକ ରୋଗରୁ ଏହା ରକ୍ଷା କରିଥାଏ । ଶରୀର ସୁସ୍ଥ ରହିଥାଏ । ଯଦି ଅନ୍ୟ କୌଣସି ରୋଗ ରହିଛି, ତେବେ ଡାକ୍ତରଙ୍କ ପରାମର୍ଶରେ କ୍ଷୀର ସେବନ କରନ୍ତୁ ।

# ପାର୍ବଣରେ ଶିଶୁଙ୍କ ପାଇଁ ସତର୍କତା



ଜଗତଜ୍ଜନନୀ ମା'ଦୁର୍ଗା ଧରାପୃଷ୍ଠକୁ ଓହ୍ଲାଇଛନ୍ତି । ଚାରିଆଡ଼େ ପାର୍ବଣର ଭିଡ଼ । ସବୁଠି ଗହଳି । ମିଠା ଦୋକାନ ଠାରୁ ଶାଢ଼ୀ ଦୋକାନ, ବହି ଦୋକାନ ଠାରୁ ଘରୋଇ ଜିନିଷ କିଣିବା ପାଇଁ ସବୁଠି ଭିଡ଼ । ତେବେ ପାର୍ବଣ ଖୁସି ଭିତରେ ପିଲାମାନଙ୍କ ପାଇଁ ଅନେକ ସତର୍କତା ରହିଛି । ଏହାକୁ ମାନିବା ବାଞ୍ଛନୀୟ । ପାର୍ବଣରେ ପିଲାଟି ଖୁସି ରହୁ ଏହା ସମସ୍ତେ ଚାହାଁନ୍ତି କିନ୍ତୁ ଏହି ଖୁସି ପଛର ପରବର୍ତ୍ତୀ ଦୁଃଖଦ କାହାଣୀ ପାଇଁ କେହି ପ୍ରସ୍ତୁତ ନଥାନ୍ତି । ପାର୍ବଣରେ ଘରେ ଘରେ ଭୋଜିଭାତ, ପିଠା, ମିଠା ଓ ଖାଇବାର ସମ୍ଭାର । କେବଳ ଘରେ ନୁହେଁ ବନ୍ଧୁଘର ଠାରୁ ପଡ଼ୋଶୀ ଘର ସବୁଠି ସ୍ନେହ ଆଦରରେ ପିଲାମାନଙ୍କ ପାଇଁ ସମସ୍ତେ ଖାଦ୍ୟ ଜିନିଷ ପ୍ରାୟତଃ କିଣି ଦିଅନ୍ତି । ଏ କ୍ଷେତ୍ରରେ ମନେରଖନ୍ତୁ ଯେ ପିଲାର ହଜମ ଶକ୍ତି ଠାରୁ ଅଧିକ ଖାଦ୍ୟ ଦେଲେ ତାହା ପିଲା ପାଇଁ କ୍ଷତିକାରକ । ବଜାରର ରଙ୍ଗ ବେରଙ୍ଗୀ ଖାଦ୍ୟ, ଥଣ୍ଡା ଖାଦ୍ୟ, ଦାମୀ ଚକୋଲେଟ ଓ ତଥାକଥିତ ଫାଷ୍ଟଫୁଡ୍ ପିଲାଟି ପାଇଁ ବିପଦଜ୍ଜନକ ହୋଇପଡ଼େ । ସ୍ନେହ ସରାଗରେ ପିଲାଟିକୁ ଖୋଇଦେଲା ପରେ ସ୍ୱାସ୍ଥ୍ୟକଥା ପ୍ରାୟ କେହି ଚିନ୍ତା କରିନଥାନ୍ତି । ବର୍ତ୍ତମାନ ସହଜେ ବନ୍ୟା ପାଣିର ପ୍ରକୋପ ଯାହା ପେଟ ଖରାପ ସହ ପତଳା ଝାଡ଼ା କିମ୍ବା ଡାଇରିଆର ସମ୍ଭାବନା ବି ସୃଷ୍ଟି ହୋଇପାରେ । ସେହିପରି ଦିନକୁ ଦିନ ଶବ୍ଦ ପ୍ରଦୂଷଣ ବଢ଼ିବାରେ ଲାଗିଛି । ସହର ବଜାର ଚାରିଆଡ଼େ ସାଉଣ୍ଡବକ୍ସର ଗର୍ଜନ ଓ ବିଭିନ୍ନ ବାଜାର ଉଦଣ୍ଡ ଶବ୍ଦ ପିଲାଟି ପାଇଁ ଶ୍ରୁତିକଟୁ ହୋଇଥାଏ । ଦିନ ଦିନ ଧରି ବାଜାର ଗୁରୁଗର୍ଜନ ପିଲାଟିର କାନକୁ ପ୍ରଭାବିତ କରିଥାଏ । ପରବର୍ତ୍ତୀ ସମୟରେ ଏହା କାନ ପାଇଁ ବଡ଼ ଯନ୍ତ୍ରଣାଦାୟକ ରୋଗକୁ ଡାକି ଆଣିଥାଏ ।

ପାର୍ବଣରେ ପିଲାମାନଙ୍କର ନିୟମିତ ଖାଇବା ପିଇବାକୁ ନେଇ ସେପରି କେହି ଚିନ୍ତିତ ନଥାନ୍ତି । କିନ୍ତୁ ବଡ଼କଥା ହେଉଛି ଏହି ସମୟରେ ସ୍କୁଲ ଛୁଟି ଥିବାରୁ ପିଲାମାନେ ପ୍ରାୟତଃ ଘରେ ରହିଥାନ୍ତି । ତେଣୁ ଛୁଟି ନାମରେ ପିଲାମାନଙ୍କର ଖାଇବା ଓ ବିଶ୍ରାମକୁ ଅବହେଳା କରିବା କଥା ନୁହେଁ । ଦେଖାଯାଉଛି ପୂଜାରେ ସରପ୍ରାଇଜ୍ ଗିଫ୍ଟ ନାମରେ ପିଲାମାନଙ୍କୁ ମୋବାଇଲ ଫୋନ୍ ଓ ଆଇପଡ୍ ଦିଆଯାଉଛି । ବାସ୍ତବରେ କମ୍ ବୟସର ପିଲାମାନଙ୍କ ପାଇଁ ମୋବାଇଲ୍ ଫୋନ ହେଉ ବା ଆଇପଡ୍ କ୍ଷତିକାରକ । ଏହା ପିଲାମାନଙ୍କ ବୋଧଶକ୍ତି, ସୃଜନଶୀଳତା ଓ ବୌଦ୍ଧିକତାକୁ କ୍ଷତବିକ୍ଷତ କରିବାର ସମ୍ଭାବନା ରହିଥାଏ । ସେହିପରି ବଜାରରେ ମେଢ଼ ବୁଲି କିମ୍ବା ମେଲୋଡ଼ି ଦେଖି ବିଳମ୍ବରେ ପ୍ରାୟତଃ କିଛି ପିଲାମାନେ ଶୋଇଥାନ୍ତି । ପ୍ରକୃତରେ ଏହା ସ୍ୱାସ୍ଥ୍ୟପାଇଁ ବହୁତ ବିପଦଜନକ । କାରଣ ନିର୍ଦ୍ଧାରିତ ସମୟରେ ଶୋଇବା ପିଲାଟି ପାଇଁ ଅତ୍ୟନ୍ତ ସ୍ୱାସ୍ଥ୍ୟପ୍ରଦାୟକ । ବନ୍ଧୁବାନ୍ଧବ କିମ୍ବା ପଡ଼ୋଶୀ ପିଲାମାନଙ୍କ ସହିତ ପିଲାଟି ଖେଳବୁଲା କରିଥାଏ । ଏହି ସମୟରେ ପିଲାଟି ଭିତରେ ସମସ୍ତଙ୍କୁ ଭଲ ପାଇବା, ସମସ୍ତଙ୍କୁ ସାହାଯ୍ୟ କରିବା, ମହତ୍ ଗୁଣ ଶିକ୍ଷା ଦିଅନ୍ତି । ଗେଲରେ ହେଉ ବା ଜିଦ୍‌ରେ ପିଲା ବୟସରେ ଝଗଡ଼ାଝାଟି ପ୍ରାୟତଃ ଦେଖିବାକୁ ମିଳିଥାଏ । ଏ ସବୁର ଗୁରୁ ଦାୟିତ୍ୱ ବାପମା ଓ ପରିବାରର ସମସ୍ତ ବଡ଼ ଲୋକମାନଙ୍କର । ପୂଜା ସମୟରେ ପିଲାମାନଙ୍କୁ ପକେଟମନି ଭାବରେ ଅଧିକ ପଇସା ଦିଅନ୍ତୁ ନାହିଁ । ବରଂ ସେ କ'ଣ ଚାହୁଁଛି ତାହା ଆପଣ ବିଚାର କରି କିଛି କିଣି ପାରନ୍ତି । କାରଣ ଅତ୍ୟଧିକ ଓ ଖୋଲା ହାତର ପକେଟ୍‌ମନି ପିଲାମାନଙ୍କୁ ବିପଥଗାମୀ କରିବାର ସମ୍ଭାବନା ରହିଥାଏ । ପିଲାଟି ବାହାରକୁ ଯାଉଥିଲେ ବି କେଉଁଠି ଯାଉଛି ଓ କାହା ପାଖକୁ ଯାଉଛି ସବିଶେଷ ବୁଝନ୍ତୁ । କେବଳ ସେତିକି ନୁହେଁ ସେ ସମ୍ବନ୍ଧରେ ସମସ୍ତ ତଥ୍ୟ ରଖନ୍ତୁ ।

ପିଲାମାନଙ୍କୁ ଦଶହରା ସମୟରେ ସେମାନଙ୍କର ଗରିବ ସାଙ୍ଗସାଥୀ କିମ୍ବା ବଜାରଘାଟରେ ବୁଲୁଥିବା ଅସହାୟ ଅପରିଚିତ ନାରାୟଣରୂପୀ ଗରିବ ଲୋକଙ୍କୁ ସାହାଯ୍ୟ କରିବାର ପରୋପକାର ଗୁଣ ଶିକ୍ଷା ଦିଅନ୍ତୁ । ଭସାଣୀ ସମୟରେ ପିଲାମାନେ ମେଢ଼ ସହିତ ଯିବାପାଇଁ ପ୍ରାୟତଃ ମନବଳାଇ ଥାନ୍ତି । ତେବେ ଏହି ସମୟରେ ଅପ୍ରିତିକର ପରିସ୍ଥିତ ଓ ପ୍ରବଳ ଭିଡ଼ ରହୁଥିବାରୁ ଦଳାଚକଟା ଠାରୁ ଅସମାଜିକ ଲୋକଙ୍କ ଦ୍ୱାରା ଗଣ୍ଡଗୋଳର ଭୟ ବି ରହିଥାଏ । ତେବେ ସବୁଠି ଯେ ଗଣ୍ଡଗୋଳର ବା ଦଳାଚକଟାର ଭିଡ଼ ରହିଥାଏ ତାହା କୁହାଯାଉନାହିଁ କିନ୍ତୁ ଏ କ୍ଷେତ୍ରରେ ସତର୍କତା ଜରୁରୀ । ନଦୀ ବା ଜଳାଶୟରେ ମା'ଙ୍କ ବିସର୍ଜନ ବେଳେ ପିଲାମାନେ ନଦୀକୁ ଯାଇଛନ୍ତି । ପିଲାଟି ପହଁରା ଶିକ୍ଷା ପାଇଛି କି ନାହିଁ ତାହା ଆପଣମାନେ ଜାଣିଛନ୍ତି କି ? ଅନ୍ୟଗୋଟିଏ କଥା ହେଉଛି ନଦୀ ଜଳରେ ମା'ଆଙ୍କ ମୂର୍ତ୍ତିରେ ଦିଆଯାଇଥିବା ବିଷାକ୍ତ ରଙ୍ଗ ସମଗ୍ର ଜଳରାଶିକୁ ପ୍ରଦୂଷିତ କରୁଥାଏ । ଏହାର ସଂସ୍ପର୍ଶରେ ପିଲାଟି ଆସିଲେ ପରବର୍ତ୍ତୀ ସମୟରେ ଚର୍ମରୋଗର ଶିକାର ହୋଇଥାଏ । ପିଲାମାନଙ୍କୁ ସେହି ଦୂଷିତ ରଙ୍ଗ ଜଳରାଶିର ସଂସ୍ପର୍ଶରେ ନ ଆସିବା ପାଇଁ ଦୃଷ୍ଟି ରଖନ୍ତୁ । ପାର୍ବଣରେ ସମସ୍ତେ ଖୁସି ମନାଉଥିବାବେଳେ ଆମ୍ଭମାନଙ୍କ ହାତ ପାଖରେ ମୁଠାଏ ଖାଇବା ପାଇଁ ପାଣି ମୁନ୍ଦାଏ ପିଇବା ପାଇଁ ବହୁତ ନିରାଶ୍ରୟ ଦେବଶିଶୁପରି ଅସହାୟ ପିଲାମାନେ ରହିଥାନ୍ତି । ସେମାନଙ୍କ ପାଇଁ ଆମ୍ଭମାନଙ୍କର ଦାୟିତ୍ୱବୋଧତା ସମ୍ପର୍କରେ ପିଲାଟିକୁ ଏ ବୟସରୁ ଶିକ୍ଷା ଦିଅନ୍ତୁ । ପାର୍ବଣରେ ସମସ୍ତଙ୍କ ସହ ଖୁସି, ସୁଖ ଓ ଭଲପାଇବା ବାଣ୍ଟି ପାରିବାର ମହାମନ୍ତ୍ର ପିଲାଟିକୁ ଆପଣମାନେ ହିଁ ଶିକ୍ଷା ଦେଇପାରିବେ । ଦେଖିବେ ଆପଣଙ୍କ ପିଲାଟି ମା'ଆଙ୍କ କୃପା ପାଇବା ସହ ଏକ ଦିବ୍ୟ ପଥର କୁନି ପଥିକ ହୋଇପାରିବ ।

***ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ***
***ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର***

# ଦୁଇ ଦିନର ଋତୁସ୍ରାବ ଅବଧି ଚିନ୍ତାଜନକ କି ?

ମାସିକ ଧର୍ମ ନାରୀ ଜୀବନର ଏକ ନିୟମିତ ପ୍ରକ୍ରିୟା । କିନ୍ତୁ ଏଥିରେ ଅନିୟମିତତା ଏକ ଅସ୍ୱାସ୍ଥ୍ୟକର ଶରୀରର ସଂକେତ । ଋତୁସ୍ରାବ ଅବଧି ଗଡ଼ିଯିବା କିମ୍ବା ସମୟ ପୂର୍ବରୁ ହେବାକୁ ନେଇ ଚିନ୍ତା ବଢ଼ିଥାଏ । ଏସବୁ ମଧ୍ୟରେ ଆଉ ଏକ ପ୍ରଶ୍ନ, ଯେ ସଠିକ୍ ସମୟରେ ଋତୁସ୍ରାବ ହେଉଥିଲେ ମଧ ଯଦି ଏହା ଦୁଇ ଦିନ ହେଉଥାଏ, ତେବେ ଏହା ଚିନ୍ତାର ବିଷୟ କି ? ଏନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ କଣ କୁହନ୍ତି, ଜାଣନ୍ତୁ...

**ଋତୁସ୍ରାବ ଅବଧି କେତେ ଦିନ ଠିକ୍**

ସାଧାରଣତଃ ମାସିକ ଋତୁସ୍ରାବ ଦୁଇରୁ ସାତ ଦିନ ମଧ୍ୟରେ ରହିଥାଏ । ଏହାର ଅର୍ଥ ଦୁଇ ଦିନର ଅବଧି ସାଧାରଣ ବର୍ଗରେ ରହୁଛି । ଏଥିପାଇଁ ବିଶେଷ ଚିନ୍ତାର ଆବଶ୍ୟକତା ନଥାଏ, କିନ୍ତୁ ଯଦି ଏହି ପ୍ରକ୍ରିୟା ସାଧାରଣ ପ୍ରକ୍ରିୟା ଅପେକ୍ଷା ହଠାତ୍ ପରିବର୍ତ୍ତିତ ହୋଇଯାଉଛି, ତେବେ ଏହା କିଛି ଭିନ୍ନ ସଙ୍କେତ ସୂଚାଇପାରେ ।

ନୂଆଦିଲ୍ଲୀର ନର୍ଚର ଆଇଭିଏଫ୍ କ୍ଲିନିକର ସ୍ତ୍ରୀ ରୋଗ ବିଶେଷଜ୍ଞ, 'ପ୍ରସୂତି ବିଶେଷଜ୍ଞ ତଥା ଆଇଭିଏଫ୍ ବିଶେଷଜ୍ଞ ଡ. ଅର୍ଚ୍ଚନା ଧାୱନ ବଜାଜ କୁହନ୍ତି, ପ୍ରତ୍ୟେକ ମହିଳାଙ୍କର ସ୍ୱତନ୍ତ୍ର ଋତୁସ୍ରାବ ଚକ୍ର ରହିଛି । ଅଧିକାଂଶ ମହିଳାଙ୍କ ଅବଧି ତିନିରୁ ପାଞ୍ଚ ଦିନ ରହିଥାଏ, କିନ୍ତୁ ଦୁଇରୁ ସାତ ଦିନର ଅବଧି ମଧ ସାଧାରଣ ବୋଲି ବିବେଚନା କରାଯାଏ । ଋତୁସ୍ରାବ ଅବଧି ଦୁଇ ଦିନ ହେବା ଚିନ୍ତାର କାରଣ ନୁହେଁ । ଯଦି ଏପରି ନିୟମିତ ଘଟେ, ତେବେ ଏପରି ଅବସ୍ଥାକୁ ହାଇପୋମେନୋରିଆ କୁହାଯାଏ ।'

ସେହିପରି ମ୍ୟାକ୍ସ ସ୍ମାର୍ଟ ସୁପର ସ୍ପେସିଆଲିଟି ହସ୍ପିଟାଲର ପ୍ରସୂତି ଏବଂ ସ୍ତ୍ରୀ ରୋଗର ସହଯୋଗୀ ନିର୍ଦ୍ଦେଶକ ଡ. ଉଷା ଏମ କୁମାର କହିଛନ୍ତି, 'ବୟସ, ଚାପ, ହରମୋନାଲ ପରିବର୍ତ୍ତନ ଏବଂ ଜୀବନଶୈଳୀ ଉପରେ ମାସିକ ଋତୁସ୍ରାବ ଚକ୍ର ନିର୍ଭର କରେ । କେତେକ ମହିଳାଙ୍କର ସ୍ୱାଭାବିକ ଭାବରେ ସ୍ୱଳ୍ପ ଅବଧି ଥାଏ । ହରମୋନାଲ ଗର୍ଭନିରୋଧକ ବ୍ୟବହାର କିମ୍ବା ମେନୋପଜ କାରଣରୁ ଏହା ହୋଇପାରେ ।



ଏହା ବ୍ୟତୀତ ଖରାପ ପୁଷ୍ଟିକର ଖାଦ୍ୟ, ବିଶେଷତଃ ଅତ୍ୟାବଶ୍ୟକୀୟ ପୁଷ୍ଟିକର ଖାଦ୍ୟ ଅଭାବ, ହରମୋନ ଉତ୍ପାଦନ ଋତୁସ୍ରାବର ନିୟମିତତା ଉପରେ ପ୍ରଭାବ ପକାଇପାରେ । ଅତ୍ୟଧିକ ବ୍ୟାୟାମ କିମ୍ବା ଦ୍ରୁତ ଓଜନ ହ୍ରାସ ପ୍ରଜନନ ହରମୋନ ସ୍ତରକୁ ହ୍ରାସ କରିପାରେ ଏବଂ ଅବଧିକୁ ସଂପୂର୍ଣ୍ଣ ରୂପେ ବନ୍ଦ କରିଦିଏ । ଏକ ସୁସ୍ଥ ମାସିକ ଋତୁସ୍ରାବ ପାଇଁ ଉପଯୁକ୍ତ ଚାପ ପରିଚାଳନା, ପୁଷ୍ଟିକର ଏବଂ ମଧ୍ୟମ ବ୍ୟାୟାମ ସହିତ ସନ୍ତୁଳିତ ଜୀବନଶୈଳୀ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

**କ୍ଷୁଦ୍ର ଅବଧି ପ୍ରଜନନ କିମ୍ବା ସାମଗ୍ରିକ ପ୍ରଜନନ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଏ କି ?**

ଦୁଇ ଦିନର ଋତୁସ୍ରାବ ଅବଧି, ଯଦିଓ ଚିନ୍ତାର କାରଣ ନୁହେଁ, ବେଳେବେଳେ ଏହା ଅନ୍ୟ ସମସ୍ୟାର ସଙ୍କେତ ଦେଇପାରେ, ଯାହା ପ୍ରଜନନ ଏବଂ ପ୍ରଜନନ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇପାରେ ।

ଡକ୍ଟର ତୃପ୍ତି ରାହେଜା କୁହନ୍ତି, 'ଗୋଟିଏ ସମ୍ଭାବ୍ୟ ପ୍ରସଙ୍ଗ ହେଉଛି ଆନାଭ୍ୟୁଲେସନ, ଏହି କ୍ଷେତ୍ରରେ ନିୟମିତ ଭାବରେ ଡିମ୍ବାଣୁ ସୃଷ୍ଟି ହୁଏ ନାହିଁ । ଡିମ୍ବାଣୁ ବିନା ଗର୍ଭଧାରଣ ହୋଇପାରିବ ନାହିଁ । ଏହା ପ୍ରଜନନ ସମସ୍ୟା ସୃଷ୍ଟି କରିଥାଏ । ଅନିୟମିତତା କିମ୍ବା କ୍ଷୁଦ୍ର ଅବଧି ପଲିସିଷ୍ଟିକ୍ ଓଭାରି ସିଣ୍ଡ୍ରୋମ୍ କିମ୍ବା ଥାଇରଏଡ୍ କରିପାରେ ।

ଅନ୍ୟ ଏକ ଚିନ୍ତା ହେଉଛି ଏକ ପତଳା ଗର୍ଭାଶୟ ଲିନିଂ ବା ଥିନ୍ ୟୁଟେରିନ ଲିନିଂ, ଯାହାକୁ ଏଣ୍ଡୋମେଟ୍ରିଅମ୍ କୁହାଯାଏ । ପ୍ରସୂତି ବିଶେଷଜ୍ଞ, ସ୍ତ୍ରୀ ରୋଗ ବିଶେଷଜ୍ଞ ତଥା ବ୍ଲୁମ୍ ଆଇଭିଏଫ୍ ଇଣ୍ଡିଆର ନିର୍ଦ୍ଦେଶକ ଡ. ନନ୍ଦିତା ପାଲଶେଟକରଙ୍କ କହିବା ଅନୁସାରେ, ଅସ୍ୱାଭାବିକ ଭାବେ ଋତୁସ୍ରାବର ସ୍ୱଳ୍ପ ଅବଧି ଗର୍ଭାଶୟ ଅବସ୍ଥା କିମ୍ବା ହରମୋନ ଅସନ୍ତୁଳନକୁ ସୂଚାଇପାରେ । ଏହା ପ୍ରଜନନ ଉପରେ ପ୍ରଭାବ ପକାଇବାର ଆଶଙ୍କା ରହିଛି ।

ଶେଷରେ, ଋତୁସ୍ରାବର ସ୍ୱଳ୍ପ ଅବଧି ପ୍ରିମ୍ୟାଚୋର ଓଭାରିଆନ୍ ଇନସଫିସିଏନ୍ସି କରିପାରେ । ଏହାର ଅର୍ଥ ବୟସ ପୂର୍ବରୁ ଅର୍ଥାତ୍ ୪୦ ବର୍ଷ ପୂର୍ବରୁ ଜଣେ ମହିଳା ଗର୍ଭଧାରଣ କରିବାରେ ଅକ୍ଷମ ହେବା । ଚଙ୍ଗଓ ବନ୍ଧ୍ୟାକରଣ, ଅନିୟମିତ ଋତୁସ୍ରାବ ଚକ୍ର ଏବଂ ପ୍ରାରମ୍ଭିକ ମେନୋପଜର କାରଣ ହୋଇପାରେ । ତେଣୁ ଋତୁସ୍ରାବର ଦୁଇ ଦିନିଆ ଅବଧି ଚିନ୍ତାଜନକ ନୁହେଁ, କିନ୍ତୁ ଯଦି ହଠାତ୍ ଏଥିରେ ପରିବର୍ତ୍ତନ ଆସେ ତେବେ ଅବହେଳା କରନ୍ତୁ ନାହିଁ । ନିଶ୍ଚିତ ରୂପେ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

# ଶିକ୍ଷୟିତ୍ରୀଙ୍କ ଡଷ୍ଟର ମାଡ଼ରେ ଛାତ୍ର ଆହତ

**ବାଲେଶ୍ୱର(ମାନିସ):** ବସ୍ତା ବ୍ଲକ ଗଡ଼ପଦା କ୍ଲଷ୍ଟର ଅନ୍ତର୍ଗତ ବାରାପାଳ ପ୍ରାଥମିକ ବିଦ୍ୟାଳୟରେ ଉତ୍ତେଜନା ଦେଖାଦେଇଛି । ଶିକ୍ଷୟିତ୍ରୀ ମିନତୀ ସୋରେନ ଜଣେ ଛାତ୍ରଙ୍କ ଉପରକୁ କାଠ ଡଷ୍ଟର ଫିଙ୍ଗିଦେବା ଫଳରେ ଛାତ୍ରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଅଭିଯୋଗ ହୋଇଛି । ବିଦ୍ୟାଳୟକୁ ସରକାର ଦଣ୍ଡମୁକ୍ତ ଅଂଚଳ ବୋଲି ଘୋଷଣା କରିଥିବା ବେଳେ ଶିକ୍ଷୟିତ୍ରୀଙ୍କ ଏଭଳି ଆଚରଣକୁ ସାଧାରଣରେ ନାପସନ୍ଦ କରାଯାଇଛି । ଏ ସମ୍ପର୍କରେ ଅଭିଭାବକ ବଳରାମ ଜେନା ସିଆର୍‌ସିସିଙ୍କ ଜରିଆରେ ବସ୍ତା ବିଇଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।

ଅଭିଯୋଗ ମୁତାବକ ଗତ ସେପ୍ଟେମ୍ବର ୩୦ ତାରିଖରେ ପାଠ ପଢ଼ା ସମୟରେ ଶିକ୍ଷୟିତ୍ରୀ ମିନତୀ ସୋରେନ କୌଣସି କାରଣରୁ ଛାତ୍ର ଚନ୍ଦ୍ରଶେଖର ଜେନାଙ୍କ ଉପରକୁ ଡଷ୍ଟର ଫିଙ୍ଗି ଦେଇଥିଲେ । ମୁଣ୍ଡରେ ଆଘାତ ଲାଗି ଫୁଲି ଯାଇଥିଲା । ଛାତ୍ର ଜଣକ ଘରକୁ ଯାଇ ଏ କଥା କହିବା ପରେ ତାକୁ ଚିକିତ୍ସିତ କରାଯାଇଥିଲା । ଅଭିଯୋଗର ୭ ଦିନ ବିତିଯାଇଥିଲେ ହେଁ ବିଭାଗ ତରଫରୁ ଘଟଣାର ତଦନ୍ତ ପୂର୍ବକ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏ ସମ୍ପର୍କରେ ଆଗାମୀ ଦିନରେ

**ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନାହିଁ**

ଅଭିଭାବକ ଜେନା ଜିଲାପାଳ ଓ ଜିଲାଶିକ୍ଷାଧିକାରୀଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି । ଶିକ୍ଷୟିତ୍ରୀ ସୋରେନଙ୍କୁ ମୋବାଇଲ ଯୋଗେ ଯୋଗାଯୋଗ କରାଯିବାରୁ ସେ ଫୋନ ଉଠାଇନଥିଲେ କ୍ଷ ଏ ସମ୍ପର୍କରେ ସିଆର୍‌ସିସି ଅନୀଲ କୁମାର ପାତ୍ରଙ୍କୁ ପଚରାଯିବାରୁ ଅଭିଯୋଗ ଆସିଛି । ଏ ନେଇ ବିଇଓଙ୍କୁ ଅବଗତ କରାଯାଇଛି । ସେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି ।

## ଜେଲ୍ ଫେରନ୍ତା ମାଗିଲେ ୫ ଲକ୍ଷ ଦାଦାବଟି

# ନ ମିଳିବାରୁ ମିଠା ଦୋକାନ ଆଗରେ ଗଦାଇଲେ ପଥର

**ଭୁବନେଶ୍ୱର:** ଦିନକୁ ଦିନ ଅଶାନ୍ତ ହୋଇ ଉଠୁଛି ରାଜଧାନୀ। ପୂର୍ବରୁ ରାତିର ରାଜଧାନୀ ସୁରକ୍ଷିତ ନ ଥିବା ବେଳେ ଏବେ ଦିନରେ ବି ବିଚ୍? ବଜାରରେ ହେଉଛି ଦାଦାଗିରି। ସାଧାରଣ ଲୋକଙ୍କୁ ଦେଖାଯାଉଛି ନାଲି ଆଖି। ଅସାମାଜିକ ବ୍ୟକ୍ତି ଖୁଲମଖୁଲା ଲକ୍ଷାଧୀକ ଟଙ୍କା ମାଗୁଛନ୍ତି, ନ ଦେଲେ ଜୀବନରୁ ମାରି ଦେବାକୁ ଧମକ ଦେଉଛନ୍ତି। ରାଜଧାନୀର ଏୟାର ଫିଲଡ ଥାନା ଚଣ୍ଡୀ ବଜାର ନିକଟରେ ଘଟିଛି ଏପରି ଏକ ଅଭାବନୀୟ କାଣ୍ଡ । ଦାଦାବଟି ନ ଦେବାରୁ ଦିନ ଦିପ୍ରହରରେ ଦେଖିବାକୁ ମିଳିଲା ଦାଦାଗିରି । ଜଣେ ଜେଲ୍ ଫେରନ୍ତା ମିଠା ଦୋକାନୀଙ୍କୁ ମାଗିଲେ ୫ ଲକ୍ଷ ଦାଦାବଟି।



ଆଉ ତାହା ନ ମିଳିବାରୁ ତାଙ୍କ ରାଗ ପଞ୍ଚମରେ ପହଞ୍ଚିଗଲା। ଏହାପରେ ଯାହା କଲେ ତାହା ସିସିଟିଭିରେ କଏଦ ହୋଇଛି। ଜେଲ୍ ଫେରନ୍ତାଜଣକ ଏକ ଗାଡ଼ିରେ ପଥର ଆଣି ମିଠା ଦୋକାନ ଆଗରେ ଗଦାଇବାକୁ ପଛାଇଲେ ନାହିଁ। ପୁଲିସ ସିସିଟିଭି ଆଧାରରେ ଦାଦାବଟି ମାଗୁଥିବା ଦୁର୍ବୃତ୍ତଙ୍କୁ ଧରି ଥାନାରେ ଅଟକ ରଖିଛି । ଅଭିଯୁକ୍ତଜଣକ ହେଲେ ଜେଲ ଫେରନ୍ତା ଅଭିଯୁକ୍ତ ରଘୁନାଥ ବାରିକ । ମିଠା ଦୋକାନୀଜଣକ ଦାଦା ବଟି ନ ଦେବାରୁ ରଘୁନାଥ ତାଙ୍କୁ ନାନା ଧମକ ଦେଲେ। ଏଥିରେ ମନ ଶାନ୍ତି ନ ହେବାରୁ ତାଙ୍କ ଦୋକାନ ସାମ୍ନାରେ ଏକ ଟ୍ରାକ୍ଟରରେ ପଥର ଆଣି ଗଦେଇ ଦେଲେ। କଥା ଏତିକିରେ ସରିଲାନି ।, ଦାଦାବଟି ନ ଦେଲେ ଦୋକାନ ବନ୍ଦ କରିବା ପାଇଁ ଧମକ ଦେଇଥିଲା । ଏ ନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏହାର ତଦନ୍ତ କରିବା ସହ ସିସିଟିଭି ଚେକ୍ କରିଥିଲା । ପରେ ଅଭିଯୁକ୍ତ ରଘୁନାଥଙ୍କୁ କାବୁ କରିଛି ପୁଲିସ। ପୂର୍ବରୁ ରଘୁଆ ନାଁରେ ହତ୍ୟା ଅଭିଯୋଗ ମଧ ରହିଛି । କିଛି ବର୍ଷ ତଳେ ଅମରେଶ ନାୟକ ନାମକ ଯୁବକୁ ହତ୍ୟା କରିଥିବା ଅଭିଯୋଗରେ ରଘୁଆ ଗିରଫ ହୋଇଥିଲା ।

# ୨ଜୁଆ ଆଡ୍ଡା ଉପରେ ଚଢ଼ଉ

**ଗଂଜାମ:** ନିମଖଣ୍ଡି ଥାନାର ଲୋଚାପଡା ଗ୍ରାମ ବିଶ୍ୱକର୍ମା ସାହିରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ପୁଲିସ୍ ଚଢ଼ଉ କରି ୮ ଜଣ ଜୁଆଡିଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୪୬,୩୮୦ ଟଙ୍କା ଓ ୮ଟି ମୋବାଇଲ ଜବତ କରିଛି । ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରିଛି । ସେହିପରି ଗୋପାଳପୁର ଥାନା ରବଡ ସାହି ନିକଟରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ପୁଲିସ୍ ଚଢ଼ଉ କରି ୫ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ନଗଦ ୧୬, ୭୧୦ ଟଙ୍କା ଓ ୫ଟି ମୋବାଇଲ୍ ଜବତ କରିଛି । ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରାଯାଇଛି ।

# ରାଜା ବଜାର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ



**ଜଟଣୀ(ମାନିସ):** ରାଜା ବଜ଼ାର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି ୨୦୨୪' କାର୍ଯ୍ୟକ୍ରମ ଜଟଣୀ ମ୍ୟୁନିସି ପାଲଟି ଅନ୍ତର୍ଗତ ସରକାରୀ ହିନ୍ଦୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରାଜା ବଜ଼ାର କ୍ଲଷ୍ଟର ଅନ୍ତର୍ଗତ ୧୨ ଗୋଟି ପ୍ରାଥମିକ,ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ୧୬୦ ରୁ ଉର୍ଦ୍ଧ୍ୱ ଛାତ୍ର/ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଶିଶୁ ମହୋତ୍ସବ 'ସୁରଭି ୨୦୨୪' କାର୍ଯ୍ୟକ୍ରମ ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜିକା ( ସି.ଆର.ସି.ସି ) ରଶ୍ମିତା ନାୟକଙ୍କ ସଂଯୋଜନାରେ ପରିଚାଳିତ ହେବାସହ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରଯାଇଥିଲା । ମୁଖ୍ୟ ଅତିଥି ଭାବରେ ହିନ୍ଦୀ ସ୍କୁଲ ପରିଚାଳନା କମିଟିର ଅଧକ୍ଷା ବବିତା କୁଣ୍ଡୁ ଓ ମୁଖ୍ୟ ବକ୍ତା ବିଦ୍ୟାଳୟ ପରିଚାଳନା କମିଟିର ଉପାଅଧକ୍ଷ କାହ୍ନୁ ଚରଣ ମହାରଣା ଯୋଗ ଦେଇଥିଲେ । ସମସ୍ତ ପ୍ରତିଯୋଗିତାରେ ଶ୍ରେଷ୍ଠ କୃତିତ୍ୱ ଲାଭ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କାର ବିତରଣ କରଯାଇଥିଲା । କାର୍ଯ୍ୟକ୍ରମର ଶେଷରେ ଷଣ୍ଢପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଷ୍ପଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାଣିକୋଇଲି ମା ତାରିଣୀ ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

**କୋରେଇ:** ପାଣିକୋଇଲି ମା ତାରିଣୀ ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା ଓ ପୁରସ୍କାର ବିତରଣ ଉତ୍ସବ ମହାଆଡମ୍ବରରେ ଆଜି ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବ ସଭାରେ ମୁଖ୍ୟ ଅତିଥିଭାବେ ଯାଜପୁର ସାଂସଦ ଡକ୍ଟର ରବିନ୍ଦ୍ର ନାରାୟଣ ବେହେରା, ମୁଖ୍ୟ ବକ୍ତାଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ସମ୍ମାନୀତ ଅତିଥିଭାବେ ଯୁକ୍ତ ଦୁଇ ଅଧ୍ୟକ୍ଷ ପ୍ରାର୍ଥସାରଥି ବିଶ୍ୱାଳ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ ।

# ଘରୁ ମିଳିଲା ପୁଜା ପୁଜା ମୂର୍ତ୍ତି, ବନ୍ଧା ହେଲେ ୩ ଭାଇ

**ଭୁବନେଶ୍ୱର:** ଘରୁ ମିଳିଲା ପୁଜା ପୁଜା ମୂର୍ତ୍ତି । ତାହା ପୁଣି ବିଭିନ୍ନ ଧାତୁରେ ନିର୍ମିତ । ବିଭିନ୍ନ ମନ୍ଦିରରୁ ଚୋରି କରି ଘରେ ଲୁଚାଉଥିଲେ । ମୂର୍ତ୍ତି ସଂଖ୍ୟା ବଢ଼ିଯିବାରୁ ମାଟି ତଳେ ବି ବହୁ ମୂର୍ତ୍ତିକୁ ପୋତି ଦେଇଥିଲେ। ଏପରି ଏକ ମୂର୍ତ୍ତି ଚୋରି ରାକେଟର ପର୍ଦ୍ଦାଫାସ କରିଛି ପୁଲିସ୍। ଆଉ ଏଥିରେ ସମ୍ପୃକ୍ତ ୩ ଯୁବକ ହେଉଛନ୍ତି ୩ ଭାଇ । ଅର୍ଥାତ ୩ ଭାଇ ମିଶି ଚଳାଇଥିଲେ ଏହି ରାକେଟ ।

ଭୁବନେଶ୍ୱର ବାଲିପାଟଣାରୁ ଜଗତସିଂହପୁରକୁ ଲମ୍ବିଛି ଏହି ମୂର୍ତ୍ତି ଚୋରି ରାକେଟ୍ । ଗିରଫ ୩ ଭାଇମାନେ ହେଲେ ବରଦା ପ୍ରସନ୍ନ ଆଚାର୍ଯ୍ୟ ଓ ଅନ୍ନଦା ପ୍ରସନ୍ନ ଆଚାର୍ଯ୍ୟ ଓ ସାରଦା ଆଚାର୍ଯ୍ୟ । ସେମାନେ



କଟକ, ଖୋର୍ଦ୍ଧା, ଜଗତସିଂହପୁର, ପୁରୀ ଜିଲ୍ଲାର ମନ୍ଦିରରୁ ଚୋରି କରୁଥିଲେ ।

ଅଭିଯୁକ୍ତଙ୍କ ଘରୁ ୫୦ରୁ ଅଧିକ ବିଭିନ୍ନ ଧାତୁର ମୂର୍ତ୍ତି, ପିତ୍ତଳ ନାଗ ସହ ଘଣ୍ଟ ଘଣ୍ଟା ଓ ମନ୍ଦିରର ଅନ୍ୟ ସାମଗ୍ରୀ ଜବତ ହୋଇଛି । ଅଭିଯୁକ୍ତମାନେ ସେମାନଙ୍କ ଘର ଭିତରେ ମାଟି ତଳେ ମୂର୍ତ୍ତି ଗୁଡ଼ିକୁ ପୋତି ରଖିଥିବା ବେଳେ ଗ୍ରାମବାସୀ ଓ ଜଗତସିଂହପୁର ପୁଲିସ ସହାୟତାରେ ଏହାକୁ ଖୋଳା ଯାଇ ଉଦ୍ଧାର କରାଯାଇଛି ।

ଶୁକ୍ରବାର ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ପୋଲିସ ଅଭିଯୁକ୍ତ ଦୁଇ ଭାଇ ବରଦା ପ୍ରସନ୍ନ ଆଚାର୍ଯ୍ୟ ଓ ଅନ୍ନଦା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଗିରଫ କରିଥିଲା । ଗତକାଲି ବଡ଼ ଭାଇ ସାରଦା ଆଚାର୍ଯ୍ୟଙ୍କୁ ଗିରଫ କରିଛି ପୁଲିସ ।

# ରାସ୍ତାକୁ ନଷ୍ଟ କରୁଛି ଓଭରଲୋଡ ଭାରିଯାନ ଚଳାଚଳ

**ସମ୍ବଲପୁର:** ଓଡିଶାର ଔଦ୍ୟୋଗିକ ଓ ଖଣିଅଂଚଳ, ଯେଉଁମାନଙ୍କ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ସାମିଲ ଅଛି ସେଠାକାର ଓଭରଲୋଡ ଟ୍ରକ୍ ମାନଙ୍କ ସମସ୍ୟା ଲଗାତାର ବୃଦ୍ଧି ପାଉଛି। ଏହି ଟ୍ରକ୍ କେବଳ ସଡ଼କର ଭୂମିକାଗତ ଗଠନକୁ ଗୁରୁତର ଭାବେ କ୍ଷତି କରୁନାହିଁ, ବରଂ ସାର୍ବଜନୀନ ସୁରକ୍ଷାକୁ ମଧ ବିପଦରେ ପକାଇ ଦେଉଛି। ବିଶେଷକରି ଛତିଶଗଡ଼ ଦିଗରେ ଯାଉଥିବା ଏହି ଓଭରଲୋଡ ଟ୍ରକ ଗୁଡିକ ଦ୍ୱାରା ଦୁର୍ଘଟନା ବଢୁଥିବା ସହ ସଡ଼କର ମଧ କ୍ଷତି ଦିନକୁ ଦିନ ବଢ଼ି ଚାଲିଛି । ଏହି ଯାଂଚ୍ ସମୟରେ ଜଣାପଡ଼ିଛି ଯେ, ଅନେକ ପ୍ରମୁଖ କମ୍ପାନୀର ଟ୍ରକ୍ ନିୟମିତ ଭାବରେ ଓଭରଲୋଡ କରିବାରେ ଜଡିତ ଅଛନ୍ତି। ଯେଉଁମାନଙ୍କ ମଧ୍ୟରେ ଶ୍ୟାମ ଡି.ଆର.ଆଇ., ବିରାଜ ଷ୍ଟିଲ୍, ଏସ.ଏମ.ସି.-୧, ଏସ.ଏମ.ସି.-୨, ଏଲ.ଏନ. ଇସ୍ପାତ୍, ଆର୍ଯ୍ୟନ ଇସ୍ପାତ୍, ରାଥି ଷ୍ଟିଲ୍, ଓ ବି.ଆର. ଷ୍ଟିଲ୍ ଅଛନ୍ତି। ଏହାର ଫଳରେ ସଂପୂର୍ଣ୍ଣ ଅଂଚଳର ସଡ଼କର ଅବସ୍ଥା ଦିନକୁ ଦିନ ଖରାପ ହୋଇଯାଉଛି। ଯାହା ସ୍ଥାନୀୟ ନିବାସୀ ଓ ଯାତ୍ରୀମାନଙ୍କ ସୁରକ୍ଷାକୁ ପ୍ରଭାବିତ କରୁଛି। ଭ୍ରଷ୍ଟାଚାର ଓ ମିଳିଭଗତର ଅଭିଯୋଗ ଏକ ବିଶ୍ୱସ୍ତ ସୂତ୍ରଅନୁଯାୟୀ, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାର ଆର.ଟି.ଓ. (କ୍ଷେତ୍ରୀୟ ପରିବହନ କାର୍ଯ୍ୟାଳୟ) ଓ ଏମ.ଭି.ଆଇ. (ମୋଟର ଭେହିକଲ୍ ନିରୀକ୍ଷକ) କର୍ମଚାରୀମାନଙ୍କୁ କିଛି ଟ୍ରକ୍ ମାଲିକଙ୍କଠାରୁ ଲାଂଚ ନେଇ ଓଭରଲୋଡିଂକୁ ଅନୁମତି ଦେଉଥିବା ଅଭିଯୋଗ ହୋଇଛି ।ଛତିଶଗଡ଼ରୁ ଆସୁଥିବା ଟ୍ରକମଧ ଏଥିରେ ଥିବା ଅଭିଯୋଗ ହୋଇଛି। ଯାହାକି ସମସ୍ୟାକୁ ଅଧିକ ଜଟିଳ କରୁଛି। ସାଧାରଣ ଲୋକମାନେ ଅଭିଯୋଗ କରୁଛନ୍ତି ଯେ ଭ୍ରଷ୍ଟ ଅଧିକାରୀ ଓ ଟ୍ରକ୍ ଅପରେଟରମାନଙ୍କର ମିଳିଭଗତେ କାରଣରୁ ଏହି ସମସ୍ୟା ଦିନକୁ ଦିନ ଭୟଙ୍କର ରୂପ ଧାରଣ କରଛି। ଏହି ସମସ୍ୟା ବଢୁଥିବା ଯୋଗୁଁ ପଶ୍ଚିମ ଓଡିଶାବାସୀ ପରିବହନ ବିଭାଗ, ପୋଲିସ, ଓ ତତ୍ପରତା ବିଭାଗଙ୍କୁ ଏହି ମାମଲାରେ ଯୁକ୍ତ ଭାବରେ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି। ଏପରିକି ଓଭରଲୋଡିଂ ବିରୋଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇ ଏଥିରେ ଜଡିତ ସମସ୍ତ ଦୋଷୀଙ୍କ ବିରୋଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଯଦି ଏହାର ତ୍ୱରିତ କାର୍ଯ୍ୟବାହୀ ପଦକ୍ଷେପ ଗ୍ରହଣ କରାନଯାଏ ତେବେ କେବଳ ରାଜ୍ୟର ସମୃଦ୍ଧି ଗଠନରେ କ୍ୱେଳ ଭୟଙ୍କର କ୍ଷତି ହେବ ନାହିଁ ବରଂ , ଅନ୍ୟପକ୍ଷରେ ସରକାରୀ ସାଧୀନତା ମଧ ପ୍ରଭାବିତ ହେବାର ଆଶଙ୍କା ରହିଛି।

# ବାଇକ୍ ଦୁର୍ଘଟଣାରେ ଯୁବକ ଆହତ

**କୋରେଇ:** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସାପୋଖରୀ ସଂଯୋଗୀକରଣ ରାସ୍ତାରେ ଆଜି ମଧ୍ୟାହ୍ନରେ ଦୁଇ ଜଣ ଯୁବକ ବାଇକ୍ ରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡରରେ ପିଟି ହୋଇ ଆହତ ହୋଇଛନ୍ତି । କୁଆଖିଆ ଥାନା ଅନ୍ତର୍ଗତ ଭୋଟକା ଗ୍ରାମର ସୁନିଲ କୁମାର ସାହୁ ଏକ ବାଇକରେ ତାଙ୍କ ସହଯାତ୍ରୀଙ୍କୁ ଧରି ଆସୁଥିବା ବେଳେ ଦୁର୍ଘଟଣା ଘଟିଥିଲା । ଫଳରେ ସୁନିଲ ଆହତ ହୋଇଥିଲେ । ଖବର ପାଇ ରାଜପଥ ପୋଟ୍ରୋଲିଂଗ ଅଧିକାରୀ ଅଶୋକ କୁମାର ବଳ ଓ ଆମେ ଆପଣଙ୍କ ପାଇଁ ହେଲପିଂଗ ଗ୍ରୁପର ସଦସ୍ୟ ଘଟଣାସ୍ଥଳେ ପହଂଚି ଆହତଙ୍କୁ ନେଇ ପାଣିକୋଇଲିର ଏକ ଘରୋଇ ଚିକତ୍ସାଳୟରେ ଚିକିତ୍ସା କରାଇଥିଲେ ।

# ଜିଲ୍ଲାସ୍ତରୀୟ ପି-ଏମ କିଷାନ କିସ୍ତି ପ୍ରଦାନ



**ବାଲେଶ୍ୱର(ମାନିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାରାଷ୍ଟ୍ରର ୱାସିମ ସହରଠାରେ ଆୟୋଜିତ ପି-ଏମ କିଷାନ ସମାରୋହରେ ଦେଶର ୯ କୋଟି ୪୦ ଲକ୍ଷ ଚାଷୀଙ୍କୁ ୨୦୦୦୦ କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି ଓ ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ପି-ଏମ କିଷାନ ଉତ୍ସବ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶାସକ ଦଳର ଉପମୁଖ୍ୟ ସଚେତକ ତଥା ବିଧାୟକ, ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ପରିଷଦର ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ ଓଏହି ଅବସରରେ ଉପସ୍ଥିତ ସମସ୍ତ ଅତିଥିବୃନ୍ଦ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନେ ୱାସିମ ଠାରୁ ଆଭାସୀ ମାଧ୍ୟମରେ ସିଧା ପ୍ରସାରଣ ହେଉଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ତତ୍ୱାବଧାନରେ ହୋଇଥିବା ବେଳେ ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ

**୨,୧୦,୯୬୩ ଚାଷୀ ହେଲେ ଲାଭାନ୍ୱିତ**

ବାଲେଶ୍ୱର ଜିଲ୍ଲାର ୨,୧୦,୯୬୩ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ହସ୍ତାନ୍ତର ହେବ ବୋଲି ସୂଚନା ଦିଆଯାଇଛି ଓ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲକ୍ଷ୍ମଣ ଚନ୍ଦ୍ର ମୁର୍ମୁ ସ୍ୱାଗତ ଭାଷଣ ଦେଇଥିଲେ ।ଏଠାରେ ସୂଚନା ଥାଉ କି, କୃଷକମାନଙ୍କ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ପି-ଏମ କିଷାନ ଯୋଜନା ଏକ କଲ୍ୟାଣକାରୀ ଯୋଜନା । ଏହି ଯୋଜନାରେ ଚାଷୀଙ୍କୁ ସହାୟତା ରାଶି ଭାବରେ ବର୍ଷକୁ ୬୦୦୦ ଟଙ୍କା ତିନି ଗୋଟି କିସ୍ତି ମାଧ୍ୟମରେ ପ୍ରଦାନ କରାଯାଇ ଥାଏ ।

# ଭୁବନେଶ୍ୱରରେ ବିଜେପିର ସଦସ୍ୟତା ଅଭିଯାନରେ ସଦସ୍ୟତା କରାଇଲେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଓଡ଼ିଶାର ବୀର ସନ୍ତାନ ବାଜି ରାଉତଙ୍କ ପୁଣ୍ୟ ଜୟନ୍ତୀ ଅବସରରେ ବିଏମସି ପକ୍ଷରୁ ଆୟୋଜିତ ପୃଥକ ପୃଥକ କାର୍ଯ୍ୟକ୍ରମରେ ବୃକ୍ଷରୋପଣ କରିବା ସହ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ଏହା ସହ ଭୁବନେଶ୍ୱର ଠାରେ ଆମ ଦଳର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ସାମିଲ ହୋଇ ଅନେକ ନାଗରିକ ଓ କାର୍ଯ୍ୟକର୍ତ୍ତାଙ୍କୁ ଅନଲାଇନ ମାଧ୍ୟମରେ ସଦସ୍ୟତା କରାଇଛନ୍ତି ।

କେନ୍ଦ୍ରମନ୍ତ୍ରୀ ପ୍ରଥମେ ଭୁବନେଶ୍ୱର ସ୍ଥିତ ବୁଦ୍ଧ ଜୟନ୍ତୀ ପାର୍କରେ "ମା' ପାଇଁ ଗଛଟିଏ" କାର୍ଯ୍ୟକ୍ରମ ଅଧୀନରେ ବୃକ୍ଷରୋପଣ କରିଥିଲେ । ଏହି ଅବସରରେ ସେ କହିଛନ୍ତି ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଚିନ୍ତାର ବିଷୟ ହୋଇଛି । ଏହି ସମସ୍ୟାର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଅନୁପ୍ରାଣିତ ହୋଇ ଜନସାଧାରଣ ଏବଂ ସେଚ୍ଛାସେବୀ ସଂଗଠନ ଗଛ ଲଗାଇବା ଖୁସିର ବିଷୟ । ଆମର ପରିବେଶକୁ ଅଧିକ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ଗୋଟିଏ ଗୋଟିଏ ଗଛ ଲଗାଇବା ସହ ତାହାର ଯତ୍ନ ନେବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି ।

ଏହା ପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ମଙ୍ଗଳା ବସ୍ତିରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟରେ ସାମିଲ ହୋଇଥିଲେ । ବିଏମସିର ଅନେକ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ସାଥୀରେ ଚା' ପିଇଥିଲେ କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଯେ ଅହିଂସାର ପୂଜାରୀ ପୂଜ୍ୟ ବାପୁଙ୍କ ପ୍ରିୟ ବିଷୟ ଥିଲା 'ସ୍ୱଚ୍ଛତା' । ଏହି ସ୍ୱଚ୍ଛତା ଅଭିଯାନକୁ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଏକ




- ବିଜେପି ଉପରେ ସବୁ ବର୍ଗର ଲୋକଙ୍କ ଭରସା ବଢୁଛି : ଧର୍ମେନ୍ଦ୍ର
- ବୁଦ୍ଧ ଜୟନ୍ତୀ ପାର୍କରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅଧୀନରେ ବୃକ୍ଷରୋପଣ କଲେ
- ଚନ୍ଦ୍ରଶେଖରପୁର ମଙ୍ଗଳା ବସ୍ତିରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟରେ ସାମିଲ ହେଲେ

ଜନଆନ୍ଦୋଳନରେ ପରିଣତ କରିଛନ୍ତି । ବର୍ତ୍ତମାନ ସମୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କେବଳ ସରକାରୀ ବ୍ୟବସ୍ଥା ଭିତରେ ସୀମିତ ହୋଇ ରହିନାହିଁ । ସ୍ୱଚ୍ଛ ଭାରତ ମିଶନର ୧୦ ବର୍ଷ ପୂର୍ତ୍ତି ହୋଇଥିବା ବେଳେ ଏଥିରେ ଆବାଳବୃଦ୍ଧବନିତା ଏବଂ ଆମ ଦଳର କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇ ସ୍ୱଚ୍ଛତା ଶ୍ରମଦାନ କରିଛନ୍ତି, ଯାହା ପୂଜ୍ୟ ବାପୁଙ୍କୁ ଉଚିତ୍ ଶ୍ରଦ୍ଧାଞ୍ଜଳି ହୋଇଛି । ଦେଶରେ ସ୍ୱଚ୍ଛତାକୁ ଆଗକୁ ନେବା ପାଇଁ ସମସ୍ତେ ଏକମତ ହୋଇଛନ୍ତି । ସ୍ୱଚ୍ଛତାକୁ ନିଜ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବା ପାଇଁ ସମସ୍ତେ ସଂକଳ୍ପ ନେବା । ଆମମାନଙ୍କ ମିଳିତ ପ୍ରୟାସରେ ହିଁ ମନ୍ଦିର ମାଳିନୀ ସହର ଭୁବନେଶ୍ୱର ଏବଂ ଆମ ରାଜ୍ୟ ଆହୁରି ସରସ ସୁନ୍ଦର ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

ସେହିପରି ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ସାମିଲ ହୋଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ବିଜେପି ଉପରେ ଗରିବ, ମହିଳା, ଚାଷୀ ଯୁବଶକ୍ତିଙ୍କ ସମେତ ସବୁ ବର୍ଗର ଲୋକଙ୍କ ମଧ୍ୟରେ ଭରସା ବଢୁଛି, ସେଥିପାଇଁ ଅଧିକରୁ ଅଧିକ ଯୁବାବର୍ଗ ପାର୍ଟିର ସଦସ୍ୟ ହେଉଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଏହି ସଦସ୍ୟତା ଅଭିଯାନରେ ଯୋଡିହେବା ପାଇଁ ସମସ୍ତ କାର୍ଯ୍ୟକର୍ତ୍ତା ଓ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି । ୮୮୦୦୦୦୨୦୨୪ ନମ୍ବରରେ ମିସଡ୍ କଲ୍ କରି କିମ୍ବା ନମୋ ଆପ୍ ମାଧ୍ୟମରେ ଲୋକମାନେ ବିଜେପି ପରିବାରର ସଦସ୍ୟ ହୋଇପାରିବେ । ଆମ ଦଳ ବିଶ୍ୱର ସବୁଠୁ ରାଜନୈତିକ ଦଳ ଭାବେ ଉଭା ହୋଇଛି । ଜନଆଶୀର୍ବାଦ କାରଣରୁ ରାଜ୍ୟରେ ବିଜେପିର ସରକାର ଗଠନ ହୋଇଛି । ଆମେ କେବଳ ସରକାର ନହେଁ ବରଂ ସେବାର ଗୋଟେ ଦାୟିତ୍ୱ ଓ ଭୂମିକାରେ ଅବତୀର୍ଣ୍ଣ ହୋଇଛୁ । ଏହି ସମୟରେ ନିରନ୍ତର ଭାବେ ଦଳକୁ ମଜଭୁତ୍ ଓ ସକ୍ରିୟ କରାଇବା ପାଇଁ ପଡିବ । ଆମର ସାମର୍ଥ୍ୟ ଶକ୍ତିକୁ ଆହୁରି ବଢାଇବା ପାଇଁ ପଡିବ । ସାଢେ ୪ କୋଟି ଓଡ଼ିଆଙ୍କ ସେବା କରିବା ଦିଗରେ ଆମେ ସମସ୍ତେ କାର୍ଯ୍ୟକର୍ତ୍ତାମାନେ କାମ କରିବା । ବିଜେପି ପକ୍ଷରୁ ୧ କୋଟି ସଦସ୍ୟତା ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ଅଭିଯାନ ସଫଳ ହେବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।

# ସାହିତ୍ୟ ପତ୍ରିକା 'ସ୍ୱପ୍ନର ଭାସ୍ୱତୀ ଶ୍ୱେତପଦ୍ମା'ର ଶାରଦୀୟ ବିଶେଷାଙ୍କ ଲୋକାର୍ପିତ

**ତାଳଚେର(ମାନିସ):** ତାଳଚେର ସାଉଥବଲଣ୍ଡାସ୍ଥିତ ଦୁର୍ଗାମନ୍ଦିର ପରିସରରେ 'ସାହିତ୍ୟ ପତ୍ରିକା ସ୍ୱପ୍ନର ଭାସ୍ୱତୀ ଶ୍ୱେତପଦ୍ମା' ର ଶାରଦୀୟ ବିଶେଷାଙ୍କ ଲୋକାର୍ପିତ ହୋଇଯାଇଛି । ପବିତ୍ର ନବରାତ୍ର ପାଳନ ଅବସରରେ ପତ୍ରିକାଟିକୁ ମା ଦୁର୍ଗାଙ୍କ ନିକଟରେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀ ପୂଜାର୍ଚ୍ଚନା କରିଥିଲେ । ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ପତ୍ରିକାର ସଂପାଦିକା କବୟିତ୍ରୀ ଅନୀତା ପାଣି, ସହ ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ,



ଉପଦେଷ୍ଟା ଶିକ୍ଷାବିତ୍ ଡ.ପ୍ରଶାନ୍ତ କୁମାର ରଥ, ବରିଷ୍ଠ ଶ୍ରମିକ ନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ବିରଂଚି ଦାଶ, ଗାଳ୍ପିକା ଡ.ସୁଷମା ଚୌଧୁରୀ, ବାସନ୍ତୀ ପଟ୍ଟନାୟକ, ସ୍ନିଗ୍ଧା ନାୟକ, ଜାନକୀ ଶତପଥୀ, ବିଭୂତି ଭୂଷଣ ପାଣି, କେଶବ ମିଶ୍ର,କବି ତ୍ରିନାଥ ସାହୁ, ହରିହର ଭୁକ୍ତା, ହାଡ଼ିବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସାହିତ୍ୟ ପତ୍ରିକା 'ସ୍ୱପ୍ନର ଭାସ୍ୱତୀ ଶ୍ୱେତପଦ୍ମା' ର ଶାରଦୀୟ ବିଶେଷାଙ୍କଟି ଆକର୍ଷଣୀୟ ପ୍ରଚ୍ଛଦ,ସୁନ୍ଦର ପରିପାଟୀ ତଥା ଓଡ଼ିଶାର ବହୁ ଲବ୍ଧପ୍ରତିଷ୍ଠିତ ସାହିତ୍ୟିକ ଓ କବିମାନଙ୍କ ଲେଖାରେ ସମୃଦ୍ଧ ହୋଇଥିବାରୁ ଏହା ସାହିତ୍ୟପ୍ରେମୀ ଜନସାଧାରଣଙ୍କ ଦ୍ୱାରା ଆଦୃତ ଲାଭ କରିବ ବୋଲି ସମ୍ପାଦିକା ଶ୍ରୀମତୀ ପାଣି ଆଶାପୋଷଣ କରିଛନ୍ତି ।

# ହଜରତ ମୁଜାହିଦ-ଏ-ମିଲ୍ଲତଙ୍କ ୪୫ତମ ଉର୍ସ ଉତ୍ସବ ଉପଲକ୍ଷେ ପ୍ରଥମ ପ୍ରସ୍ତୁତି ବୈଠକ

**ଧାମନଗର(ମାନିସ):** ଧାମନଗରର ପ୍ରସିଦ୍ଧ ପୀରବାବା ହଜରତ ମୁଜାହିଦ-ଏ-ମିଲ୍ଲତ ତଥା ମୌଲାନା ସାହା ମହମ୍ମଦ ହବିବୁର ରହେମାନଙ୍କ ୪୫ତମ ଉର୍ସ ଉତ୍ସବ ଆସନ୍ତା ନଭେମ୍ବର ମାସ ୮ ଓ ୯ ତାରିଖ ଦୁଇ ଦିନ ଧରି ପାଳନ ଉପଲକ୍ଷେ ଶନିବାର ଅପରାହ୍ନ ୫ଟା ସମୟରେ ଭଦ୍ରକ ସଦ୍‌ଭାବନା ସଭାଗୃହ ପରିସରରେ ପ୍ରଶାସନିକ ସ୍ତରୀୟ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ମନ୍ତ୍ରୀ ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ଏସ୍.ପି ମଡକର ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଓ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଡେପୁଟି କଲେକ୍ଟର ଜୁଡ଼ିସିଆଲ କାର୍ତ୍ତିକ ନାଥ ମଣ୍ଡଳ, ଡି .ଏସ୍.ପି, ଡି.ଆଇ.ବି ପ୍ରଭାତ ବିଶ୍ୱାଳ, ଲୋକ ସମ୍ପର୍କ ଅଧିକାରୀ, ଧାମନଗର ଏସ. ଡି.ପି.ଓ ତ୍ରିଲୋଚନ ସେଠୀ, ଆଇଆଇସି ଫଣିନ୍ଦ୍ର ଭୂଷଣ ନାଏକ, ବିଡିଓ ବନବିହାରୀ ଦିନ୍ଦା, ତହସିଲଦାର ଦୀପକ କୁମାର ଦାସ, ଏନ.ଏ.ସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ପରିବହନ ବିଭାଗ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ପୂର୍ତ୍ତ ବିଭାଗ ଅଧିକାରୀ, ଆର.ଡି ବିଭାଗ ଅଧିକାରୀ, ବନବିଭାଗ ଅଧିକାରୀ ପି.ଏଚ୍.ଡି ବିଭାଗ ଅଧିକାରୀ, ବିଦ୍ୟୁତ ବିଭାଗ ଅଧିକାରୀ, ଅଗ୍ନି ଶ୍ରମ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ଉର୍ସ କମିଟିର ସମ୍ପାଦକ ମହମ୍ମଦ ଇସ୍ରାଇଲ ହବିବି, ଉପସଭାପତି ସୟଦ ମୁସ୍ତଫା ରଜା, ସହ ସମ୍ପାଦକ ସେକ ଅବଦୁର ରହେମାନ, ଏମଡି ହାସନେନ ହବିବି, ବରିଷ୍ଠ ସଭ୍ୟ ସେକ ମାନୱାର ଅହେମ୍ମଦ, ଏମଡି ଫଜଲେ ବାରି, ସେକ



ତାହେର, ସେକ ମୁହିଉଦ୍ଦିନ, ସେକ ଗୋଲାମ ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଓ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ପୀରବାବାଙ୍କ ଦୁଇ ଦିନ ଧରି ଉର୍ସ ଉତ୍ସବରେ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ସମାଗମକୁ ଲକ୍ଷ କରି ତାଙ୍କର ରହଣି, ଯିବା ଆସିବା ରାସ୍ତା ମରାମତି, ଆଲୋକି କରଣ, ରାସ୍ତା ପାର୍ଶ୍ୱରେ ଗଛଡାଳ କଟାଯିବା, ଅସ୍ଥାୟୀ ଶୌଚାଳୟ, ସଫେଇ, ପାଣି ଟ୍ୟାଙ୍କର, ଆମ୍ବୁଲାନସ୍ ଓ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର, ଅଗ୍ନିନିରାପତ୍ତା ବ୍ୟବସ୍ଥା, ରେଳଷ୍ଟେସନ୍‌ରେ ଅଧିକ ଟିକେଟ୍ କାଉଣ୍ଟର, ପାନୀୟ ଜଳଯୋଗାଣ, ସିସିଟିଭି ଲଗାଇବା, ଅସ୍ଥାୟୀ ଟ୍ରାନସ୍‌ଫର୍ମର ସ୍ଥାପନ, ଟ୍ରାଫିକ୍ ନିୟନ୍ତ୍ରଣ, ବସଭଡା, ଶାନ୍ତି ଶୃଙ୍ଖଳା ରକ୍ଷା, ରାସ୍ତାରେ ଦୋକାନ ବସାଇ ନଦେବା ଏଇଭଳି ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରି ପଦକ୍ଷେପ ନିଆଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଉପସ୍ଥିତ ସମ୍ପୃକ୍ତ ଅଧିକାରୀମାନଙ୍କୁ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ ୮ ତାରିଖ ଦିନ ସକାଳ ୬ଟା ରୁ ୭୩୦ ପର୍ଯ୍ୟନ୍ତ କୋରାନ୍ ପାଠ, ୭ଟା ୩୦ରୁ ପୀରବାବାଙ୍କୁ ଶ୍ରଦ୍ଧାଳୁମାନଙ୍କ ଦର୍ଶନ, ସକାଳ ୮ ଟାରୁ ସନ୍ଧା ୫ଟା ପର୍ଯ୍ୟନ୍ତ କବି ସମ୍ମିଳନୀ, ୯ତାରିଖ ଭୋରୁ ୪ଟାରେ ବାବାଙ୍କ (ସ୍ନାନ), ୬ଟାରୁ ଉତ୍ସବର ବିଶେଷ ଆକର୍ଷଣ ଚାଦର ଶୋଭାଯାତ୍ରା, ଅପରାହ୍ନ ୪ ଟାରୁ ୫ଟା ୧୫ ପର୍ଯ୍ୟନ୍ତ (କୁଲସରିଫ), ପୀରବାବାଙ୍କ ନାତି ଖାନକା ମତୱଲ୍ଲୀ ସୟଦ ଗୋଲାମ ମହମ୍ମଦ ହବିବିଙ୍କ ଦ୍ୱାରା ସମୂହ ପ୍ରାର୍ଥନା ଓ ଧାର୍ମିକ ବାଣୀ ପ୍ରଦାନ ଏବଂ ରାତ୍ର ୮ଟାରୁ ଭୋର ୪ଟା ୩୦ ପର୍ଯ୍ୟନ୍ତ ମୌଲାନା ମାନଙ୍କର ଦ୍ୱାରା ମୁସାଏରା, ନାତଖାନି, ପୀରବାବାଙ୍କ ଜିବନୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କାର୍ଯ୍ୟକ୍ରମ ରହିଛି ବୋଲି କମିଟି ତରଫରୁ ସୂଚନା ଦିଆଯାଇଥିଲା।

ମାତୃଭାଷା

# ନଗର ଖବର





ମା' କଟକ ଚଣ୍ଡୀଙ୍କ ହରଚଣ୍ଡୀ ବେଶ


ମା' ଗଡ଼ ଚଣ୍ଡୀଙ୍କ ବନଦୁର୍ଗା ବେଶ


ମା' ବାସନ୍ତୀ ଦୁର୍ଗାଙ୍କ ସ୍କନ୍ଦମାତା ବେଶ


ମା' ଧାକୁଲେଇଙ୍କ ଉଗ୍ରତାରା ବେଶ


ମା' ଝାଞ୍ଜିରୀ ମଙ୍ଗଳାଙ୍କ ବନଦୁର୍ଗା ବେଶ



ମା' ଭୂଆଶୁଣୀଙ୍କ ସ୍କନ୍ଦମାତା ବେଶ


ମା' ଜୟଦୁର୍ଗାଙ୍କ ଭୁବନେଶ୍ୱରୀ ବେଶ



ମା' ବିମଳାଙ୍କ ବ୍ରହ୍ମଚାରିଣୀ ବେଶ

## ୫ଟି ପଞ୍ଚାୟତରେ ବିଜେଡିର ଜନସଂପର୍କ ପଦଯାତ୍ରା, ଘର ଘର ବୁଲି ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ

**ସାଲେପୁର(ମାନିସ):** ପ୍ରଥମ ପର୍ଯ୍ୟାୟ ଶେଷ ସୁଦ୍ଧା ସାଲେପୁର ବିଜେଡି ପକ୍ଷରୁ ୫ଟି ପଞ୍ଚାୟତରେ ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପଞ୍ଚାୟତର ବିଭିନ୍ନ ଗ୍ରାମର ଘର ଘର ବୁଲି ସିଧାସଳଖ ଲୋକମାନଙ୍କ ସମସ୍ୟା ପଚାରି ବୁଝିବା ସହ ସରକାରଙ୍କ ଯୋଜନାରୁ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀମାନଙ୍କ ପାଇଁ ସବୁ ସମୟରେ ସରକାରୀ ସ୍ତରରେ ଯୁଦ୍ଧ କରାଯିବ ବୋଲି ପ୍ରକାଶ କରିଥିଲେ । ଯେପରି ପ୍ରକୃତ ହିତାଧିକାରୀ ସରକାରଙ୍କ ଯୋଜନାରୁ ବାଦ୍ ନପଡନ୍ତ, ସେ ଦିଗରେ ଗୁରୁତ୍ୱ ଦେବାକୁ ଉପସ୍ଥିତ କର୍ମୀ ଓ ପଞ୍ଚାୟତ ପ୍ରତିନିଧିମାନଙ୍କୁ ବିଧାୟକ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ । ଏହି ଅବସରରେ ଆଜି ସାଲେପୁର ବ୍ଲକ୍‌ର ରାଇସୁଙ୍ଗୁଡ଼ା, ମିର୍ଜାପୁର, ଭୀମଦାସପୁର, ସିଢ଼ୋ, ଓଡ଼ାସିଂହ ପଞ୍ଚାୟତରେ ଅନୁଷ୍ଠିତ ଜନସଂପର୍କ ପଦଯାତ୍ରାରେ ବିଧାୟକ ସାମିଲ ହୋଇ ଘର ଘର ବୁଲିବା ସହ ବିଜୁ ଜନତା ଦଳର ଆଭିମୁଖ୍ୟ ସଂପର୍କରେ ଲୋକମାନଙ୍କୁ ବୁଝାଇଥିଲେ ।




ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଆମ୍ବାର ସଭାପତି ଦିଲ୍ଲୀପ ଦାଶ, ଜିଲ୍ଲାପରିଷଦ ହରପ୍ରସନ୍ନ ବେହେରା, ରାଇସୁଙ୍ଗୁଡ଼ା ପଞ୍ଚାୟତର ପୂର୍ବତନ ପଞ୍ଚାୟତ ସମିତି ସଭ୍ୟ ହରିହର ବେହେରା, ମିର୍ଜାପୁର ପଞ୍ଚାୟତ ଶ୍ରଦ୍ଧାଞ୍ଜଳି ସାହୁ, ସମିତିସଭ୍ୟ ଲକ୍ଷ୍ମୀପ୍ରିୟା ଦାସ, ଆଲୋକ ଭୂୟାଁ, ନାଏବ ସରପଞ୍ଚ ମଦନମୋହନ ସାହୁ, ଭୀମଦାସପୁର ପଞ୍ଚାୟତ ସରପଞ୍ଚ ପ୍ରଭାତ ନାୟକ, ଦୟାନିଧି ଦାସ, ଅଜୟ ମହାନ୍ତି, ସିଢ଼ୋ ପଞ୍ଚାୟତର ସରପଞ୍ଚ ମମତା ଦାସ, ସମିତିସଭ୍ୟ ପ୍ରଫୁଲ୍ଲ କୁମାର ଓଝା, ପଞ୍ଚାୟତ ସଭାପତି ଯତୀନ୍ଦ୍ର ନାଥ ବିଶ୍ୱାଳ, ମନୋଜ ପ୍ରଧାନ, ଓଡ଼ାସିଂହ ପଞ୍ଚାୟତର ଜ୍ୟୋତିରେଖା ନାୟକଙ୍କ ସମେତ ବହୁ ମହିଳା ଓ ପୁରୁଷ ବିଜେଡି କର୍ମୀ ଏହି ପଦଯାତ୍ରାରେ ସାମିଲ ହୋଇ ଘର ଘର ବୁଲିଥିଲେ ।

## ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ



**ବାରଙ୍ଗ(ମାନିସ):** ବାରଙ୍ଗ ବ୍ଲକ ଅନ୍ତର୍ଗତ କୁହ୍ନେଇପଡ଼ା ପଞ୍ଚାୟତର କୃଷ୍ଣଚନ୍ଦ୍ରପୁର ଗ୍ରାମ ବାରିକ ସାହି ଗ୍ରାମର ଧର୍ମ ପରାୟଣ ଶତାୟୁ ବୃଦ୍ଧ ଅଚ୍ୟୁତ ବାରିକଙ୍କ ଶନିବାର ବିଳମ୍ବ ରାତ୍ରିରେ ମୃତ୍ୟୁ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୧୦୭ ବର୍ଷ ବୟସ ହୋଇଥିଲା । ମୃତ୍ୟୁର ଶେଷ ସମୟ ବେଳେ ତାଙ୍କର ପୁଅ, ଝିଅ, ନାତି, ନାତୁଣୀ ଙ୍କ ସମେତ ବୋହୂ ଉପସ୍ଥିତରହିଥିଲେ । ସେ ଜଣେ ମିଳାପି, ମିଷ୍ଟଭାଷୀ ଏବଂ ଧର୍ମପରାୟଣ ବ୍ୟକ୍ତି ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଶତାଧିକ ଗ୍ରାମବାସୀ, ବନ୍ଧୁ ପରିବାର ବର୍ଗଙ୍କ ସମାଗମରେ ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ଗ୍ରାମ୍ୟ ଶ୍ମଶାନକୁ ନିଆଯାଇଥିଲା । ସେଠାରେ ବଡ଼ପୁଅ ମୁଖାଗ୍ନି ଦେଇଥିଲେ ।

## ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇ-ଲାଇବ୍ରେରି ସମ୍ବନ୍ଧୀୟ ତାଲିମ୍ ଶିବିର



**ସାଲେପୁର(ମାନିସ):** ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ମଧୁସୂଦନ ପ୍ରେକ୍ଷାଳୟ ପରିସରରେ ଇ-ଲାଇବ୍ରେରି ବ୍ୟବହାର ସମ୍ବନ୍ଧୀୟ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ଓଡ଼ିଶା ଉଚ୍ଚଶିକ୍ଷା ପରିଷଦ, ଇବିସ୍କୋ ଓ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । ଇବିସ୍କୋର ପ୍ରଶିକ୍ଷକ ରାଜକୁମାର ମହାପାତ୍ର, ଛାତ୍ରଛାତ୍ରୀ, ଅଧ୍ୟାପକମାନେ ମୋବାଇଲ୍ ଓ କମ୍ପ୍ୟୁଟର ଜରିଆରେ ଇ-ଲାଇବ୍ରେରୀ କିପରି ସଦୁପଯୋଗ କରିପାରିବେ ତାହା ବିସ୍ତୃତ ଭାବେ ପ୍ରୋଜେକ୍ଟର ମାଧ୍ୟମରେ ବର୍ଣ୍ଣନା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସଂଗୀତା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଯୋଗଦେଇ ଏହି ଶିବିର ମାଧ୍ୟମରେ ଇ-ଲାଇବ୍ରେରୀ ମାଧ୍ୟମରେ ଇ-ରିସୋର୍ସର ବ୍ୟବହାର ଉପଯୋଗୀ କୌଶଳ ଶିକ୍ଷା କରିଥିଲେ । ରସାୟନ ବିଭାଗ ମୁଖ୍ୟ ଡଃ ଅସିତ୍ ପରିଜା କାର୍ଯ୍ୟକ୍ରମ ସଂପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଗ୍ରନ୍ଥାଗାରର କର୍ମଚାରୀ ଦେବାଶିଷ ଦୀକ୍ଷିତ, ସୁଜିତ୍ କୁମାର ଶତପଥି, ସହ-ଗ୍ରନ୍ଥାଗାରିକ ସ୍ୱପ୍ନା ସୋନାଲିକା ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଗ୍ରନ୍ଥାଗାରିକ ପ୍ରଦୋଷ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।


ମା'ଙ୍କ ଷୋଡ଼ଶ ଉପଚାର ପୂଜାର ଦ୍ୱାଦଶ ଦିନରେ ବଟେଶ୍ୱର ମା' ଭଗବତୀଙ୍କର ବନଦୁର୍ଗା ବେଶ ଅନୁଷ୍ଠିତ ହୋଇଯାଇଛି ।

## ବିଜୁ ଯୁବ ଜନତା ଦଳର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ଧାମନଗର(ମାନିସ):** ଧାମନଗର ବ୍ଲକ ଅସୁରାଳି ଠାରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ରବିବାର ପୂର୍ବାହ୍ନରେ ଆୟୋଜିତ ଏହି ଶିବିରରେ ବିଭିନ୍ନ ପଞ୍ଚାୟତର ଦଳୀୟ କର୍ମୀ, ମହିଳା , ପୁରୁଷ ଏବଂ ଯୁବ ଗୋଷ୍ଠୀ ସାମିଲ ହୋଇ ମୋଟ ୧୧୦ ଇଉନିଟ ରକ୍ତ ଦାନ କରିଥିଲେ ।ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ସଂଗ୍ରହ କାରୀ ଡାକ୍ତର ଏବଂ ସହକର୍ମୀ ମାନେ ଏଠାକୁ ଆସି ରକ୍ତ ଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ । କାର୍ଯ୍ୟକ୍ରମକୁ ବିଧାନସଭା ନେତା ଡ଼ାକ୍ତର ସଂଜୟ ଦାସ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ,



ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ ଏବଂ ଶାରଦା ପ୍ରସନ୍ନ ସାହୁ, ଏନ.ଏ.ସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷା ଏମ.ଡି ନୁରାନୀ ଦଳର ବ୍ଲକ ସଭାପତି ଉମେଶ ମହାନ୍ତି, ନଗର ସଭାପତି ଶୁଶାନ୍ତ ରାଉତ, ପୂର୍ବତନ ସମିତି ସଭ୍ୟ ପ୍ରତାପ ସାମଲ, ଭାନୁ ପ୍ରକାଶ ପଲାଇ, ପୂର୍ବତନ ସରପଂଚ ଶୁଶାନ୍ତ ନାୟକ, ଭାନୁମତୀ ଜେନା, ଭାଗବତ ଖଟୁଆ, ଅମର ସାହୁ, ଅଶୋକ ସାହୁ ପ୍ରମୁଖ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ । ବିଯୁ ଯୁବ ଜନତା ଦଳର ବ୍ଲକ ସଭାପତି ଭାରତ ବିଜୟ ଦଳାଇ କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ ।

## ବାହାଘର ଠିକ୍ ହେଲା ବୋଲି ଧରମ ଭଉଣୀର ବେକ କାଟିଲେ

କେନ୍ଦୁଝର: ୪ ତାରିଖ ଶୁକ୍ରବାର ପୂର୍ବାହ୍ନରେ ମାଳତୀ ଘରେ ଏକାକୀ ଥିଲେ । ସାନ ଭଉଣୀ କଲେଜ ଯାଇଥିବା ପରିବାର ଲୋକ ଅନ୍ୟ କାମରେ ବାହାରକୁ ଯାଇଥିଲେ । ଏହାର ସୁଯୋଗ ନେଇ ମାଳତୀଙ୍କ ଘରକୁ ଆସିଥିଲେ ଅଜୟ ।

ଧରମ ଭଉଣୀ କହି ଘରକୁ ଯି'ଆସ କରୁଥିଲେ । ନିଜକୁ ସଚ୍ଚା ଭାଇ ବୋଲି ପରିଚୟ ଦେଉଥିଲେ । ପରିବାର ଲୋକଙ୍କ ସହିତ ଭାବ ଯୋଡ଼ିଥିଲେ । ହେଲେ ଭଉଣୀର ବାହାଘର ଠିକ୍ ହେଲା ବୋଲି ତା' ବେକ କାଟିଦେଲା ଧରମ ଭାଇ । ଏପରି ଅଭିଯୋଗ ଆସିଛି କେନ୍ଦୁଝର ସଦର ଥାନା ଅଞ୍ଚଳରୁ । ହେଲେ ଦୁର୍ଭାଗ୍ୟର ବିଷୟ ଯେଉଁଦିନ ଧରମ ଭଉଣୀର ବେକ କାଟିଥିଲେ, ସେହି ଦିନ ଝାରସୁଗୁଡ଼ା ରେଳ ଲାଇନ୍‌ରୁ ମିଳିଲା ଧରମ ଭାଇର ମୃତଦେହ ।

କେନ୍ଦୁଝର ଟାଉନ୍ ଥାନା ବରାଳ ଲଜ ଗଳିରେ ମାଳତୀ ବେହେରା(ଛଦ୍ମନାମ)ଙ୍କ ଘର । ସିଏ ତାଙ୍କ ପରିବାର ଲୋକଙ୍କ ସହିତ ରହୁଥିଲେ । ତାଙ୍କର ସମ୍ପର୍କୀୟ ଭାଇ ହେଉଛନ୍ତି ଭଦ୍ରକ ଜିଲ୍ଲାର ଅଜୟ ସାହୁ । ଅଜୟ କେନ୍ଦୁଝର ଟାଉନ୍ ?ରେ ଘର ଭଡ଼ା ନେଇ ରହୁଥିବା ବେଳେ ନିୟମିତ ମାଳତୀଙ୍କ ଘରକୁ ଯିବା ଆସିବା କରୁଥିଲେ । ଉଭୟଙ୍କ ଭିତରେ ଭଲ ସମ୍ପର୍କ ଥିଲା । ସମ୍ପର୍କୀୟ ଭାଇ ହିସାବରେ ଅଜୟଙ୍କୁ ମାଳତୀଙ୍କ ପରିବାର ଲୋକେ ଜାଣିଥିଲେ । ତେବେ ଏହାରି ଭିତରେ ୨୦ ବର୍ଷୀୟା ମାଳତୀଙ୍କ ବାହାଘର ଠିକ୍ ? ହୋଇଥିଲା । ସେଥିପାଇଁ ସେ ବହୁତ ଖୁସି ଥିଲେ । ଗତ ୪ ତାରିଖ ଶୁକ୍ରବାର ପୂର୍ବାହ୍ନରେ ମାଳତୀ ଘରେ ଏକାକୀ ଥିଲେ । ସାନ ଭଉଣୀ କଲେଜ ଯାଇଥିବା ପରିବାର ଲୋକ ଅନ୍ୟ କାମରେ ବାହାରକୁ ଯାଇଥିଲେ । ଏହାର ସୁଯୋଗ ନେଇ ମାଳତୀଙ୍କ ଘରକୁ ଆସିଥିଲେ ଅଜୟ । ଆଉ ଏକ ଧାରୁଆ ଅସ୍ତ୍ରରେ ମାଳତୀଙ୍କ ବେକ କାଟି ଚମ୍ପଟ ମାରିଥିଲେ । ମାଳତୀଙ୍କ ରକ୍ତାକ୍ତ ମୃତଦେହ ଦେଖି ପରିବାର ଲୋକ ପୁଲିସ୍‌କୁ ଖବର ଦେଇଥିଲେ ।

ଟାଉନ୍ ଥାନା ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା । ସିସିଟିଭି ଫୁଟେଜ ଓ ଅନ୍ୟାନ୍ୟ ସାଇଣ୍ଟିଫିକ୍ ତଥ୍ୟ ଅଧାରରେ ପୁଲିସ୍ ଜାଣିବାକୁ ପାଇଥିଲା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ଅଜୟ ସାହୁ । ତେଣୁ ଅଜୟଙ୍କୁ ଧରିବା ପାଇଁ କେନ୍ଦୁଝର ଏସ୍‌ପି ନିତିନ କୁଶଲକରଙ୍କ ନିର୍ଦ୍ଦେଶରେ ୬ଟି ଟିମ୍ ଗଠନ କରାଯାଇଥିଲା । ଅଜୟ ପାଖରେ ପହଞ୍ଚିବା ପାଇଁ ପୁଲିସ୍ ତାଙ୍କ ପରିବାର ଲୋକଙ୍କୁ ଆଣି ଜେରା କରୁଥିଲା । ହେଲେ ଅଜୟଙ୍କ ସମ୍ପର୍କରେ କୌଣସି ତଥ୍ୟ ପାଉନଥିଲା ।

କେନ୍ଦୁଝର ଏସ୍‌ପି ନିତିନ କୁଶଲକର କହିଛନ୍ତି, ଆଜି ସକାଳେ ଝାରସୁଗୁଡ଼ା ଜିଆରପିଠାରୁ ଅଜୟ ସାହୁଙ୍କ ସମ୍ପର୍କରେ ସୂଚନା ମିଳିଥିଲା । ଝାରସୁଗୁଡ଼ା ଜିଆରପିଙ୍କ କହିବା ଅନୁସାରେ ଗତ ୪ ତାରିଖରେ ରେଳ ଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଥିଲା । ତଦନ୍ତ ବେଳେ ଜଣାପଡ଼ିଛି ମୃତ ଯୁବକଙ୍କ ନାଁ ଅଜୟ ସାହୁ । ତେବେ ଅଜୟଙ୍କୁ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ତାହା ଜଣାପଡ଼ି ନାହିଁ । ତାହା ଉପରେ ତଦନ୍ତ ଚାଲିଥିବା କେନ୍ଦୁଝର ଏସ୍‌ପି କହିଛନ୍ତି ।

## ପତ୍ନୀଙ୍କ ବିରହରେ ଘରେ ତିଆରି କଲେ ସିଲିକନ ପ୍ରତିମୂର୍ତ୍ତି

ବ୍ରହ୍ମପୁର: ପ୍ରାଣପ୍ରିୟାଙ୍କ ଅନୁପସ୍ଥିତି ମର୍ମେମର୍ମେ ଅନୁଭବ କରୁଥିଲେ ପ୍ରଶାନ୍ତ । ଭାରାକ୍ରାନ୍ତ ଶରୀରକୁ ଧରି ସଞ୍ଜ ବେଳେ ଘରକୁ ଫେରିଲା ବେଳେ ଧର୍ମପତ୍ନୀଙ୍କ କଣ୍ଠସ୍ୱର ଗୁଞ୍ଜରିତ ହେଲା ପରି ତାଙ୍କୁ ଲାଗୁଥିଲା । ହେଲେ କରିବେ କ'ଣ ?

ପତ୍ନୀଙ୍କ ମୃତ୍ୟୁ ହେବାକୁ ୪ ବର୍ଷ ବିତିଲାଣି । ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ଭୁଲି ପାରୁନାହାନ୍ତି । ନିଜ ହୃଦୟରେ ସାଇତି ରଖିଛନ୍ତି । କର୍ମକ୍ଷେତ୍ରରୁ ଫେରିବା ପରେ ତାଙ୍କୁ ଖୋଜନ୍ତି । ସେଥିପାଇଁ ଭାବପ୍ରବଣ ହୋଇପଡ଼ନ୍ତି । ତେଣୁ ପୁଅ ଓ ଝିଅଙ୍କ ପରାମର୍ଶରେ ଘରେ ପ୍ରାଣପ୍ରିୟାଙ୍କ ସିଲ୍‌କନ୍ ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି ଯୁବ ବ୍ୟବସାୟୀ ପ୍ରଶାନ୍ତ ନାୟକ ।

ବ୍ରହ୍ମପୁର ଟାଉନ୍‌ର ଯୁବ ବ୍ୟବସାୟୀ ପ୍ରଶାନ୍ତ ନାୟକ । ପତ୍ନୀ କିରଣ, ଝିଅ ମେହେକ, ପୁଅ ଆୟନ୍,



ମାଆ ଓ ଭାଇଙ୍କୁ ନେଇ ତାଙ୍କ ପରିବାର । ସବୁକିଛି ଠିକ୍‌ଠାକ୍ ଚାଲିଥିଲା । ହେଲେ ୨୦୨୧ ମସିହାରେ ମହାମାରୀ କରୋନାର କାଳ ଛାଇ ସେହି ପରିବାର ଉପରେ ପଡ଼ିଥିଲା । ଆଉ ସେଥିରେ ଆଖି ବୁଜିଲେ କିରଣ । ପ୍ରଶାନ୍ତ ସିନା ରୋଜଗାର କରୁଥିଲେ, ହେଲେ ପୂରା ପରିବାରର ମେରୁଦଣ୍ଡ ଥିଲେ କିରଣ । ଘରର ଯାବତୀୟ କଥା ଓ ପିଲାଙ୍କ ଅଳି ଅର୍ଦ୍ଦଳୀ ବୁଝିଥିଲେ ସିଏ । ହେଲେ ହଠାତ୍ ତାଙ୍କ ବିୟୋଗ ପ୍ରଶାନ୍ତଙ୍କୁ ବ୍ୟତିବ୍ରସ୍ତ କରିଥିଲା । ଆଉ ପରିବାର ଆଖିରେ ଦେଇଥିଲା ଅବିସ୍ରାନ୍ତ ଲୁହ ।

ପ୍ରାଣପ୍ରିୟାଙ୍କ ଅନୁପସ୍ଥିତି ମର୍ମେମର୍ମେ ଅନୁଭବ କରୁଥିଲେ ପ୍ରଶାନ୍ତ । ଭାରାକ୍ରାନ୍ତ ଶରୀରକୁ ଧରି ସଞ୍ଜ ବେଳେ ଘରକୁ ଫେରିଲା ବେଳେ ଧର୍ମପତ୍ନୀଙ୍କ କଣ୍ଠସ୍ୱର ଗୁଞ୍ଜରିତ ହେଲା ପରି ତାଙ୍କୁ ଲାଗୁଥିଲା । ହେଲେ କରିବେ କ'ଣ ? କେବଳ ସଞ୍ଜୁଆ ରାତିରେ ଖୋଲା ଆକାଶକୁ ଅନାଇବା ଛଡ଼ା ଆଉ କିଛି ତାଙ୍କ ପାଖରେ ନଥିଲା । ସେପଟେ ପୁଅ ଓ ଝିଅଙ୍କ ନୀରବତା ପ୍ରଶାନ୍ତଙ୍କୁ ବ୍ୟଥିତ କରୁଥିଲା । ଛାତି ଭିତରେ ଛାତିଏ କୋହକୁ ଜାବୁଡି ଧରି ପିଲାଙ୍କୁ ବୁଝାଇ ଦେଉଥିଲେ ।

ପୁଅ ସିନା ଛୋଟି ଜାଣିପାରେନି । ହେଲେ ପ୍ରଶାନ୍ତଙ୍କ ବଡ଼ ଝିଅ ସବୁ ବୁଝି ପାରୁଥିଲା । ସିଏ ମାଆଙ୍କ ଅନୁପସ୍ଥିତି ଓ ବାପାଙ୍କ ଯନ୍ତ୍ରଣାକୁ ଅନୁଭବ କରିପାରୁଥିଲେ । ତେଣୁ ଘରେ ମାଆ(କିରଣ)ଙ୍କ ପ୍ରତିମୂର୍ତ୍ତିଟିଏ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ହେଲେ ପ୍ରଶାନ୍ତ ପ୍ରଥମେ ମନା କରିଥିଲେ । କେତେ ଅଳି କରିବାରୁ ରାଜି ହୋଇଥିଲେ ପ୍ରଶାନ୍ତ । ତା'ପରେ କିରଣଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପ୍ରକ୍ରିୟା ଆରମ୍ଭ ହେଲା ।

ବେଙ୍ଗାଲୁରୁ ଚର୍ଚ୍ଚିତ ଶିଳ୍ପୀ ଶ୍ରୀଧରନଙ୍କ ସହିତ ଯୋଗାଯୋଗ କରାଯାଇଥିଲା । ପ୍ରାୟ ଦେଢ଼ ବର୍ଷରେ ସିଲ୍ ?କନ୍ ?ରେ କିରଣଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିଲା । ଏଥିପାଇଁ ୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ସେହି ପ୍ରତିମୂର୍ତ୍ତିକୁ ଡ୍ରଇଁ ରୁମ୍ ? ସୋଫାରେ ରଖାଯାଇଛି ।

ଝିଅ ମେହେକ କହିଛନ୍ତି, ପ୍ରତିମୂର୍ତ୍ତି ନିର୍ମାଣ ପରେ ମାଆଙ୍କ ଅନୁପସ୍ଥିତି ଅନୁଭବ କରୁନୁ । ଭାବୁଛୁ, ମମି ଆମ ସହିତ ରହିଛନ୍ତି ଓ କଥା ହେଉଛନ୍ତି । ସିଏ ମୋ ପଛେ ପଛେ ଯାଉଛନ୍ତି ବୋଲି ଅନୁଭବ ଲାଗୁଛି ବୋଲି ମେହେକ କହିଛନ୍ତି ।

ମାତୃଭାଷା

# ଖେଳ ଖବର



## ମୁମ୍ବିଲରେ ମୁମ୍ବାଇ ଇଣ୍ଡିଆନ୍ସ

# ସୂର୍ଯ୍ୟ-ହାର୍ଦ୍ଦିକ-ବୁମ୍ରାଙ୍କ ମଧ୍ୟରୁ କିଏ ବି ପଡ଼ିପାରନ୍ତି ବାଦ୍

**ନୂଆଦିଲ୍ଲୀ, ୬।୧୦:** ବିସିସିଆଇ ଆଇପିଏଲ୍ ୨୦୨୫ ପାଇଁ ରିଟେନସନ୍ ପଲିସି ପ୍ରକାଶ କରିବା ମାତ୍ରେ ମେଗା ନିଲାମ ପାଇଁ କ୍ରିକେଟ୍ ପ୍ରେମୀଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଛି। ପ୍ରତ୍ୟେକ ଦଳକୁ ୬ ଜଣ ଖେଳାଳିଙ୍କୁ ରିଟେନ୍ ?କରିବାକୁ ଅନୁମତି ଦିଆଯିବ, ଏପରି ସ୍ଥଳେ ସମସ୍ତଙ୍କ ନଜର ୫ ଥରର ଚାମ୍ପିୟନ ଦଳ ମୁମ୍ବାଇ ଇଣ୍ଡିଆନ୍ସ ଉପରେ ରହିବ। ତେବେ ଆସନ୍ତୁ ଜାଣିବା କେଉଁ ଚର୍ଚ୍ଚା ସୃଷ୍ଟି ହେଉଛି, ଯେଉଁଥିପାଇଁ ଏମ୍ଆଇ ହୁଏତ ସୂର୍ଯ୍ୟକୁମାର ଯାଦବ, ଜସପ୍ରୀତ ବୁମ୍ରା ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଏକାଠି ରଖିପାରେ ନାହିଁ ।

ସୂର୍ଯ୍ୟକୁମାର ଯାଦବ ଭାରତର ଟି-୨୦ ଦଳର ଅଧିନାୟକ ହୋଇଥିବାବେଳେ ଜସପ୍ରୀତ ବୁମ୍ରା ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଶ୍ରେଷ୍ଠ ଖେଳାଳି ତାଲିକାରେ ସ୍ଥାନ ପାଇଛନ୍ତି। ତାଙ୍କୁ ଦଳରେ ରଖିବା ଯେକୌଣସି ଫ୍ରାଞ୍ଚାଇଜଙ୍କର ବଡ଼ ସ୍ୱପ୍ନ ଅଟେ। କିନ୍ତୁ ଯଦି ଆମେ ମେଗା ନିଲାମର ରିଟେନ୍ସନ୍ ପଲିସିକୁ ଦେଖିବା, ତେବେ ଦରମା ଗୋଷ୍ଠୀକୁ ଏପରି ଭାବରେ ପ୍ରସ୍ତୁତ କରାଯାଇଛି ଯେ ଏ-ସ୍ତରର ଗୋଷ୍ଠୀରୁ ୩ ରୁ ୪ ଖେଳାଳିଙ୍କୁ ରଖିବା ଦ୍ୱାରା ଯେକୌଣସି ଦଳର ଖାତା ଖାଲି ହୋଇପାରେ। ଯଦି ଆମେ ଧାରଣ ନୀତିକୁ ଦେଖିବା, ତେବେ ଗୋଟିଏ ଦଳ ନିଲାମ ପୂର୍ବରୁ ୨ ଖେଳାଳିଙ୍କୁ ୧୮ କୋଟି, ୨ ଖେଳାଳିଙ୍କୁ ୧୪ କୋଟି ଏବଂ ଜଣେ ଖେଳାଳିଙ୍କୁ ୧୧ କୋଟି ଟଙ୍କାରେ ରିଟେନ୍ ? କରିପାରିବେ। ସୂର୍ଯ୍ୟକୁମାର, ଜସପ୍ରୀତ ବୁମ୍ରା ଏବଂ ହାର୍ଦ୍ଦିକ ପାଣ୍ଡ୍ୟା, ଏହି ତିନିଜଣ ଖେଳାଳି ୧୮ କୋଟି ଟଙ୍କା ବେତନ ପାଇବାକୁ ଯୋଗ୍ୟ ଅଟନ୍ତି। ତାଙ୍କ ବ୍ୟତୀତ ରୋହିତ ଶର୍ମାଙ୍କୁ ଗତ ସିଜନରେ ଅଧିନାୟକ ପଦରୁ ହଟାଇ ଦିଆଯାଇଥିବା ବେଳେ ରୋହିତ ମଧ୍ୟ ୧୮ କୋଟି ଟଙ୍କା ବେତନ ସହିତ ଏହି ସ୍ଲଟ୍ ପାଇବାକୁ ଯୋଗ୍ୟ ଅଟନ୍ତି। ରିଟେନ୍ ?ସନ୍ ? ପଲିସିରେ କୁହାଯାଇଛି ଯେ କେବଳ ୨ ଖେଳାଳିଙ୍କୁ ୧୮ କୋଟି ଟଙ୍କାରେ ରଖାଯାଇପାରିବ।

## ଟି-୨୦ ମହିଳା ବିଶ୍ୱକପ୍

# ପାକିସ୍ତାନକୁ ଧୂଳି ଚଟାଇଲା ଭାରତ

**ଦୁବାଇ, ୬।୧୦:** ମହିଳା ଟି ୨୦ ବିଶ୍ୱକପ ୨୦୨୪ ମ୍ୟାଚରେ ଭାରତ ପାକିସ୍ତାନକୁ ୬ ୱିକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୧୦୫ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଭାରତ ୧୮.୫ ଓଭରରେ ୪ ୱିକେଟ୍ ହରାଇ ମ୍ୟାଚ୍ ଜିତିଥିଲା। ହରମନପ୍ରୀତ କୌର ଟିମ୍ ଇଣ୍ଡିଆ ପାଇଁ ଅଧିନାୟକ ଇନିଂସ ଖେଳିଥିଲେ। ଶେଫାଳି ବର୍ମା ମଧ୍ୟ ଏକ ଦୃଢ଼ ଦର୍ଶନୀୟ ପ୍ରଦର୍ଶନ କରିଥିଲେ। ବୋଲିଂରେ ଶ୍ରେୟଙ୍କା ପାଟିଲ ଏବଂ ଅରୁନ୍ଧତୀ ରେଡ୍ଡୀ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ।

ଏହି ମ୍ୟାଚରେ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରିଥିଲେ ସୁଦ୍ଧା କୌଣସି ଖେଳାଳି ଭଲ ପ୍ରଦର୍ଶନ କରିପାରିନଥିଲେ। ଶେଫାଳି ବର୍ମା ଏବଂ ସ୍ମୃତି ମନ୍ଧାନା ଭାରତ ପକ୍ଷରୁ

**୬ ୱିକେଟରେ ହେଲେ ବିଜୟୀ**

ଓପନିଂ କରିଥିଲେ। ସ୍ମୃତି ବିଶେଷ କିଛି କରିପାରିନଥିବା ବେଳେ ସେ ୧୬ ବଲରେ ୭ ରନ୍ ସ୍କୋର କରି ଆଉଟ୍ ହୋଇଥିଲେ। ଶେଫାଳି ୩୫ ବଲ୍ର ସମ୍ମୁଖୀନ ହୋଇ ୩ଟି ଚୌକା ସହାୟତାରେ ୩୨ ରନ୍ ସଂଗ୍ରହ




କରିଥିଲେ। ଜେମିମା ରୋଡ୍ରିଗେଜ୍ ୨୩ ରନ୍ କରିଥିଲେ। ରିଚା ଘୋଷ ଖାତା ମଧ୍ୟ ଖୋଲିପାରିନଥିଲେ। ସେ ଶୂନ୍ୟରେ ପାଭିଲିୟନ ଫେରିଥିଲେ।

ହରମାନପ୍ରୀତ ୨୪ ବଲ୍ ଖେଳି ଗୋଟିଏ ଚୌକା ସହାୟତାରେ ୨୯ ରନ୍ ସଂଗ୍ରହ କରିଥିଲେ। କିନ୍ତୁ ମ୍ୟାଚ୍ର ଠିକ୍ ପୂର୍ବରୁ ସେ ଆହତ ହେବା କାରଣରୁ ମଇଦାନାରୁ ବାହାରି ଥିଲେ। ହାରମନପ୍ରୀତଙ୍କ ବେକରେ ସମସ୍ୟା ଦେଖାଦେଇଥିଲା। ୭ ରନ୍ ସ୍କୋର କରିବା ପରେ ଦୀପ୍ତି ଶର୍ମା ଅପରାଜିତ ରହିଥିଲେ। ସେ ୮ ଟି ବଲର ସମ୍ମୁଖୀନ ହୋଇଥିଲେ। ଶେଷରେ ସଜନା ସଜୀବନ ଏକ ଚୌକା ମାରି ମ୍ୟାଚ୍ ଜିତାଇଥିଲେ। ଏହିପରିଭାବେ ଭାରତ ୧୮.୫ ଓଭରରେ ଲକ୍ଷ୍ୟ ହାସଲ କରିଥିଲା।

# ଟି-ଟ୍ୱେଣ୍ଟି ବିଶ୍ୱକପ ବିଜୟର ଅନ୍ୟ ଏକ କାରଣ କହିଲେ ରୋହିତ

**ନୂଆଦିଲ୍ଲୀ, ୬।୧୦:** ଟି-ଟ୍ୱେଣ୍ଟି ବିଶ୍ୱକପ ୨୦୨୪ର ଫାଇନାଲ ମ୍ୟାଚ୍ ଏବେ ବି ଭାରତୀୟ କ୍ରିକେଟ ପ୍ରେମୀଙ୍କ ମନରେ ତାଜା ଅଛି। ସୂର୍ଯ୍ୟ କୁମାର ଯାଦବଙ୍କ କ୍ୟାଚ୍ ହେଉ ଅବା ଡେଥ୍ ଓଭରରେ ପେସରଙ୍କ ଉଦାହରଣୀୟ ବୋଲିଂ ଅବା ବିରାଟ କୋହଲିଙ୍କ ପ୍ରଶଂସନୀୟ ଅର୍ଦ୍ଧଶତକ- ଏମିତି ଅନେକ କାରଣ ରହିଛି, ଯେଉଁଥିପାଇଁ ଭାରତ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ତେବେ ଅଧିନାୟକ ରୋହିତ ଶର୍ମା ଏହି ଐତିହାସିକ ବିଜୟ ପଛରେ ଆଉ ଏକ କାରଣ ଯୋଡ଼ିଛନ୍ତି। କପିଲ ଶର୍ମାଙ୍କ କମେଡି ଶୋ'ରେ ଯୋଗ ଦେବା ଅବସରରେ ରୋହିତ ଶର୍ମା ଏହି କାରଣ ସଂପର୍କରେ କହିଥିଲେ।

ସେ କହିଥିଲେ, ଯେତେବେଳେ ଦକ୍ଷିଣ ଆଫ୍ରିକା ୩୦ ବଲ୍ରେ ୩୦ ରନ୍ ଆବଶ୍ୟକ କରୁଥିଲା, ତା' ପୂର୍ବରୁ ଏକ ଛୋଟିଆ ବିରତି ନିଆଯାଇଥିଲା। ସେହି ବିରତି ପାଇବା ପାଇଁ ପନ୍ତ (ଋଷଭ ପନ୍ତ) ମୁଣ୍ଡ ଖଟାଇଥିଲେ। ମ୍ୟାଚ୍ ଦ୍ରୁତଗତିରେ ଆଗେଇ ଚାଲିଥିଲା। ସେହି ସ୍ଥିତିରେ ସମସ୍ତ ବ୍ୟାଟର ଚାହାଁନ୍ତି ଶୀଘ୍ର ଶୀଘ୍ର ବୋଲିଂ ହେଉ। କିନ୍ତୁ ସେତେବେଳେ ଆମେ ଦକ୍ଷିଣ ଆଫ୍ରିକାର ବ୍ୟାଟରମାନଙ୍କ ଲୟ ଭାଙ୍ଗିବାକୁ



ଚାହୁଁଥିଲୁ। ମୁଁ ଫିଲ୍ଡ ସେଟ୍ କଲା ବେଳେ ଓ ବୋଲରମାନଙ୍କ ସହିତ ଆଲୋଚନା କଲା ବେଳେ ହଠାତ୍ ଦେଖିଲି ପନ୍ତ ତଳେ ପଡ଼ିଗଲେ। ତା'ପରେ ଫିଜିଓଥେରାପିଷ୍ଟ ଆସିଲେ ଓ ତାଙ୍କ ଆଣ୍ଠୁରେ ଏକ ନି' ଟ୍ୟାପ୍ ଲଗାଇଥିଲେ। କ୍ଲାସେନ୍ ମ୍ୟାଚ୍ ପୁଣି ଥରେ ଆରମ୍ଭ ହେବାକୁ ଅପେକ୍ଷା କରିଥିଲେ। ମୁଁ କହୁ ନାହିଁ ଯେ ଏହା ଏକମାତ୍ର କାରଣ, କିନ୍ତୁ ଏହା ସେହି କାରଣଗୁଡ଼ିକ ମଧ୍ୟରୁ ଗୋଟିଏ ହୋଇପାରେ। ପନ୍ତ ସାହାବ ଟିକେ ବୁଦ୍ଧି ପ୍ରୟୋଗ କଲେ ଓ ସ୍ଥିତି ଆମ ସପକ୍ଷରେ ଯାଇଥିଲା।

ସେହି ବ୍ରେକ୍ ପରେ ହେନରିଚ କ୍ଲାସେନଙ୍କୁ ଆଉଟ୍ କରି ଦେଇଥିଲେ ହାର୍ଦ୍ଦିକ ପାଣ୍ଡ୍ୟା। ଏହା ସହିତ ସ୍ଥିତି ବଦଳି ଯାଇଥିଲା ଓ ମ୍ୟାଚ୍ ପୁଣି ଭାରତ ହାତକୁ ଚାଲି ଯାଇଥିଲା। ଯଦିଓ ସେତେବେଳେ ଡାଭିଡ ମିଲର ଥିଲେ, କିନ୍ତୁ ଶେଷ ୨-୩ ଓଭରରେ ଦକ୍ଷିଣ ଆଫ୍ରିକା ଉପରେ ଜୋର ଚାପ ପଡ଼ିଥିଲା ଓ ଏଥିରୁ ଭାରତ ଫାଇଦା ନେଇଥିଲା।

ରୋହିତ କହିଥିଲେ, ଯାହା ଚାହୁଁଥିଲୁ, ତାହା ଘଟିଥିଲା। କ୍ଲାସେନଙ୍କୁ ହାର୍ଦ୍ଦିକ ଆଉଟ୍ କରି ଦେଇଥିଲେ। ତା'ପରଠାରୁ ଦକ୍ଷିଣ ଆଫ୍ରିକା ଉପରେ ଚାପ ବଢ଼ି ବଢ଼ି ଚାଲିଲା। ଏହା ପରେ ଟିମ୍ର ସମସ୍ତ ସଦସ୍ୟ ଏକାଠି ହୋଇ ସେମାନଙ୍କ ବ୍ୟାଟରମାନଙ୍କ ମନୋବଳ ଭାଙ୍ଗିବାକୁ ସ୍ଲେଜିଂ କରିବା ଆରମ୍ଭ କରିଥିଲେ। ସେ ନେଇ ବିସ୍ତାରିତ ଭାବେ ଏଠାରେ କହି ହେବ ନାହିଁ। କିନ୍ତୁ ଏହା ଆବଶ୍ୟକ ଥିଲା। କାରଣ ଯେକୌଣସି ମୂଲ୍ୟ ଦେଇ ଆମେ ଏହି ମ୍ୟାଚ୍ ଜିତିବା ପାଇଁ ଚାହୁଁଥିଲୁ। ମ୍ୟାଚ୍ ଜିତିବା ପାଇଁ ଆମେ କିଛି ଜୋରିମାନା ଭରିବାକୁ ରାଜି ଥିଲୁ। ସେଥିପାଇଁ ମୁଁ ସାଥୀ ଖେଳାଳିମାନଙ୍କୁ କହିଥିଲି, ସେମାନେ ଯାହା ଭାବୁଛନ୍ତି, ତାହା କୁହନ୍ତୁ। ପରେ ଆମେ ଅମ୍ପାୟାର ଓ ରେଫରୀଙ୍କୁ ସମ୍ଭାଳିବା ।

# ସିଙ୍ଗାପୁରରେ ବନ୍ଦ ହେଲା ୧୮୨ ବର୍ଷର ଘୋଡ଼ା ଦୌଡ଼ ପରମ୍ପରା

**କ୍ରାଞ୍ଜି ୫।୧୦:** ଜମି ଅଭାବ ଯୋଗୁ ସିଙ୍ଗାପୁର ଶନିବାର ଘୋଡ଼ା ଦୌଡ଼ର ୧୮୨ ବର୍ଷ ପ୍ରାଚୀନ ବ୍ରିଟିଶ ଶାସନ କାଳର ପରମ୍ପରାକୁ ଗୁଡବାୟ କହିଛି। କ୍ରାଞ୍ଜିର ପ୍ରତିଷ୍ଠିତ ସିଙ୍ଗାପୁର ଟର୍ଫ କ୍ଲବ (ଏସଟିସି) ରେସକୋର୍ସ ହାଉସିଂ ଓ ଅନ୍ୟ ବିକାଶ ପ୍ରକଳ୍ପକୁ ସ୍ଥାନଦେବା ପାଇଁ ନିଜ ଦ୍ୱାରକୁ ସବୁଦିନ ନିମନ୍ତେ ବନ୍ଦ କରିଦେଇଛି। 'ଷ୍ଟ୍ରେଟସ ଟାଇମ' ରିପୋର୍ଟ ଅନୁସାରେ ଏସଟିସି ସବୁଦିନ ପାଇଁ ବନ୍ଦ ହେବା ପୂର୍ବରୁ ଶନିବାର ଶେଷ ଘୋଡ଼ା ଦୌଡ ଆୟୋଜନ କରିଥିଲା, ଯାହାକୁ ଦେଖିବାକୁ ଘୋଡାଦୌଡ଼ ସୌକିନ ଲୋକେ ପହଞ୍ଚିଥିଲେ।




ସିଙ୍ଗାପୁରରେ ଏସଟିସି ୧୮୪୨ରୁ ଘୋଡା ଦୌଡ଼ ପସନ୍ଦ କରୁଥିବା ଲୋକଙ୍କ ଠିକଣା ହୋଇ ରହିଥିଲା। ଏସଟିସି ୧୮୨ ବର୍ଷର ଯାତ୍ରାକୁ ୧୦ଟି ଦୌଡରେ ଭବ୍ୟ ବିଦାୟୀ ସହିତ ସମାପନ କରିଛି। ଏହି ସମାପନ ଉତ୍ସବ ୧.୩୮ ମିଲିୟନ ସିଙ୍ଗାପୁର ଡଲାରର ଗ୍ରାଣ୍ଡ ସିଙ୍ଗାପୁର ଗୋଲ୍ଡ କପରେ ହୋଇଛି। ଏସଟିସି ରେସକୋର୍ସର ୧୨୪ ହେକ୍ଟର ଜମି ମାର୍ଚ୍ଚ ୨୦୨୭ ସୁଧା ସିଙ୍ଗାପୁର ସରକାରଙ୍କୁ ହସ୍ତାନ୍ତରିତ କରିଦିଆଯିବ। ସିଙ୍ଗାପୁରରେ ୧୮୦ ବର୍ଷ ପୂର୍ବେ ସ୍କଟଲ୍ୟାଣ୍ଡ ବ୍ୟବସାୟୀ ୱିଲିୟମ ହେନରୀ ମ୍ୟାକଲିୟୋଡ ରିଡ ଘୋଡ଼ାଦୌଡ଼ ଆରମ୍ଭ କରିଥିଲେ।

୧୯୨୪ ମସିହାରେ ଏହାର ନାମ ବଦଳାଇ ସିଙ୍ଗାପୁର ଟର୍ଫ କ୍ଲବ ବାଏସଟିସି କରି ଦିଆଯାଇଥିଲା। ରେସିଂ ପ୍ରତି ବଢୁଥିବା ଆଗ୍ରହକୁ ଦେଖି ଏସଟିସି ତାଙ୍କର ସେରାଙ୍ଗୁନ ରୋଡ (ଫର୍ରପାର୍କ) ରେସ୍ କୋର୍ସକୁ ବିକ୍ରି କରି ୧୫ ଏପ୍ରିଲ ୧୯୩୩ରେ ସିଙ୍ଗାପୁର ଗଭର୍ଣ୍ଣର ସାର ସେସିଲ କ୍ଲେମେଣ୍ଟି ବୁକିଟ୍ ତିମାହରେ ଏକ ନୂଆ ରେସକୋର୍ସ ଖୋଲିଥିଲେ। ଶେଷରେ ୧୯୯୯ ମସିହାରେ ଏହାକୁ କ୍ରାଞ୍ଜିକୁ ସ୍ଥାନାନ୍ତରିତ କରି ଦିଆଯାଇଥିଲା। ତାହା ଏବେ ବନ୍ଦ ହୋଇଯାଇଛି।






Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar